# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 13, DATE : 01.09.2024 - 15.09.2024 FORTNIGHTLY (ODIA), BHUBANESWAR. PAGES-08




ସର୍ବହରାର ମହାନ ନେତା
ଚୀନ ବିପ୍ଳବର ରୂପକାର
**କମ୍ରେଡ୍ ମାଓ-ସେ-ତୁଙ୍ଗଙ୍କ**
୪୮ତମ ମୃତ୍ୟୁ ଦିବସ ଉପଲକ୍ଷେ
**ଗଭୀର ଶ୍ରଦ୍ଧାଞ୍ଜଳି**

ଜନ୍ମ -୨୬ ଡିସେମ୍ବର ୧୮୯୩
ମୃତ୍ୟୁ - ୯ସେପ୍ଟେମ୍ବର୧୯୭୬

## ବାଙ୍ଗଲାଦେଶର ଛାତ୍ର-ଜନତାଙ୍କ ଗଣ ଅଭ୍ୟୁତ୍ଥାନରେ ଫାସିଷ୍ଟ ହାସିନା ସରକାରର ପତନ: ଜନଗଣଙ୍କ ଐକ୍ୟବଦ୍ଧ ଶକ୍ତିର ବିଜୟ

*(ସଂପ୍ରତି ପଡୋଶୀ ବାଙ୍ଗଲାଦେଶରେ ଦେଖା ଦେଇଥିବା ଦୁର୍ବାର ଛାତ୍ର-ଗଣ ଆନ୍ଦୋଳନର ଜୁଆର କ୍ଷମତାସୀନ ଆୱାମୀ ଲିଗର ଶେଖ ହାସିନା ସରକାରକୁ କ୍ଷମତାଚ୍ୟୁତ କରିଛି। ହାସିନା ଦେଶତ୍ୟାଗ କରିବାକୁ ବାଧ୍ୟ ହୋଇଛନ୍ତି। ବାଙ୍ଗଲାଦେଶରେ ଘଟିଯାଇଥିବା ଏହି ଐତିହାସିକ ଗଣଅଭ୍ୟୁତ୍ଥାନ ସଂପର୍କରେ ଆମ ଦେଶର କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଏକାଂଶ ଅପପ୍ରଚାର ଚଳାଇ ଗୋଟିଏ ଦିଗରେ ଦେଶ ମଧ୍ୟରେ ସାଂପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ଏବଂ ଅନ୍ୟପଟରେ ବଙ୍ଗଳା ଦେଶର ଲଢୁଆ ଜନସାଧାରଣଙ୍କର ଏହି ଐତିହାସିକ ଅଭ୍ୟୁତ୍ଥାନକୁ କାଳିମାଲିପ୍ତ କରିବାପାଇଁ ଅପଚେଷ୍ଟା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆମେ ଏ ସଂପର୍କରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଦଳର ସାଧାରଣ ସଂପାଦକଙ୍କ ବକ୍ତବ୍ୟ ସର୍ବହରା କ୍ରାନ୍ତିର ଅଗଷ୍ଟ୧୫ ସଂଖ୍ୟାରେ ପ୍ରକାଶ କରିଥିଲୁ। ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ଆମେ ବାଙ୍ଗଲାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ)ର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ଫୋରମର ସଦସ୍ୟ ଡାକ୍ତର ଜୟଦୀପ ଭଟ୍ଟାଚାର୍ଯ୍ୟ ଓ ରାସେଦ ସାହାରିୟରଙ୍କ ଦ୍ୱାରା ଏ ସଂପର୍କରେ ଲିଖିତ ଏକ ନିବନ୍ଧର ଓଡିଆ ମର୍ମାନୁବାଦ ପ୍ରକାଶ କରୁଛୁ। ଆଶାକରୁଛୁ ଏହି ଲେଖାଟି ବାଙ୍ଗଲାଦେଶରେ ଘଟିଯାଇଥିବା ଏହି ଐତିହାସିକ ଘଟଣା ସଂପର୍କରେ ସଠିକ୍ ଓ ବିଜ୍ଞାନ ସମ୍ମତ ଧାରଣା ଗଢିତୋଳିବା କ୍ଷେତ୍ରରେ ପାଠକମାନଙ୍କ ପାଇଁ ଉପାଦେୟ ହେବ। - ସଂପାଦକ ସର୍ବହରା କ୍ରାନ୍ତି)*

୫ ଅଗଷ୍ଟ, ଆସନ୍ନ ଅପରାହ୍ଣ। ହଜାର ହଜାର ଜନଗଣ ଯେତେବେଳେ ବାଙ୍ଗଲାଦେଶର ପାର୍ଲିଆମେଣ୍ଟ 'ଗଣ ଭବନ'ରେ ପ୍ରବେଶ କରୁଛନ୍ତି, ସେତେବେଳକୁ ପ୍ରଧାନମନ୍ତ୍ରୀ ଶେଖ ହାସିନା ପଦତ୍ୟାଗ କରି ଦେଶରୁ ପଳାୟନ କରିସାରିଛନ୍ତି। ଚତୁର୍ଦିଗରେ ଗୋଟିଏ ଶବ୍ଦ ପ୍ରତିଧ୍ୱନିତ "ସ୍ୱାଧୀନ"।

'ସ୍ୱାଧୀନତା' ମଣିଷର ସବୁଠାରୁ ବଡ ଆକାଂକ୍ଷିତ ଶବ୍ଦ। ପରାଧୀନ ମଣିଷ ବା ଏକ ଜାତିର ଜୀବନରେ ଏହାଠାରୁ ବଡ କାମ୍ୟ ଆଉ କିଛି ଥାଇପାରେନା। କିନ୍ତୁ ଆମେ ତ ୧୯୭୧ ମସିହାରେ ସ୍ୱାଧୀନ ହୋଇଥିଲୁ। ଏହାଥିଲା ପଶ୍ଚିମ ପାକିସ୍ଥାନର ଅତ୍ୟାଚାର, ଅବିଚାର, ବୈଷମ୍ୟର ଅବସାନର ଲଢେଇ। ଅଥଚ ଦେଖାଗଲା, ସ୍ୱାଧୀନତା ପରେ ଆମେ ଦେଶ ପାଇଲୁ, କିନ୍ତୁ ସ୍ୱାଧୀନ ହେଲୁ ନାହିଁ। ଗୋଟିଏ ମୁହୂର୍ତ୍ତ ମଣିଷ ଭଳି ବଂଚିବା ପାଇଁ, ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଦେଶର ଜନତା ସେଦିନ ଯୁଦ୍ଧକୁ ଓହ୍ଲାଇଥିଲା। ଦେଶ ସ୍ୱାଧୀନ ହେଲା, ଆମେ ଗୋଟିଏ ଭୂଖଣ୍ଡ ପାଇଲୁ। ମାତ୍ର ସ୍ୱାଧୀନ ଦେଶରେ ପୁଣି ଶତ ଶତ ପୁଷ୍ପ ଝରି ପଡିଲା, କେତେ ହସ ହସ ମୁଖ ମଉଳିଗଲା। ପୁଣି ଆରମ୍ଭ ହେଲା ଲଢେଇ। ସ୍ୱୈରାଚାରୀ ଶାସନ ବିରୁଦ୍ଧରେ ଲଢେଇ। ସ୍ୱୈରାଚାରୀ ଶାସକ ଏରସାଦକୁ କ୍ଷମତାରୁ ହଟାଗଲା। ମାତ୍ର ସ୍ୱାଧୀନତା ଆସିଲା ନାହିଁ। ଜନଗଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଗୋଟିଏ ଦଳ ପରିବର୍ତ୍ତେ ଆଉ ଗୋଟିଏ ଦଳର ସରକାର ଆସିଲା। ସାଧାରଣ ମଣିଷ ରାଜନୈତିକ ଦୃଷ୍ଟିଭଙ୍ଗୀ ଅର୍ଜନ କରିନପାରିବା ଯୋଗୁ, ଏମାନଙ୍କର ଚରିତ୍ର ବୁଝିନପାରିବା ଯୋଗୁ ବାରମ୍ବାର ଠକିହେଲେ, ପ୍ରତାରିତ ହେଲେ।

ଦୁଇ ଦଳ(ଆୱାମୀ ଲିଗ୍ ଓ ବାଙ୍ଗଲାଦେଶ ନ୍ୟାସନାଲିଷ୍ଟ ପାର୍ଟି)ର ସରକାର ସମୟରେ ମଧ୍ୟ ଆମର ସ୍ୱାଧୀନତା ନଥିଲା। ମାତ୍ର ଗତ ୧୬ବର୍ଷ ଧରି ଚାଲିଥିବା ଆୱାମୀ ଲିଗର ଏକଛତ୍ରବାଦୀ ଶାସନ ପୂର୍ବର ସମସ୍ତ କଳଙ୍କମୟ ଇତିହାସକୁ ମ୍ଳାନ କରିଦେଇଛି। ପାକିସ୍ତାନୀ ଶାସନର ସେହି ଭୟଙ୍କର ଦିନଗୁଡିକ ଯେମିତି ପୁନର୍ବାର ଫେରିଆସିଛି। ଏହି ଶାସନକାଳରେ ୧୯୭୧ ମସିହାର ଅତ୍ୟାଚାରର ଯେମିତି ପୁନାରବୃତ୍ତି ଘଟିଛି। ମଧ୍ୟ ରାତ୍ରିରେ ବିରୋଧୀ ଦଳର ନେତା-କର୍ମୀମାନଙ୍କ ଘର କବାଟ ପୋଲିସ ଓ ସରକାରୀ ଦଳର ଗୁଣ୍ଡାମାନଙ୍କ ଶକ୍ତ ଆଘାତରେ ଖୋଲାଯାଇଛି, ସେମାନଙ୍କୁ ବଳପୂର୍ବକ ଗାଡିରେ ଉଠାଇ ନିଆଯାଇଛି। ପରିବାରର ଲୋକମାନେ ତା'ପର ଦିନ ଏ ଥାନାରୁ ସେ ଥାନା ଘୁରି ବୁଲିଛନ୍ତି। ମାତ୍ର ସେହି ଅପହୃତ ଲୋକମାନଙ୍କର କୌଣସି ଖୋଜ ଖବର ମିଳିନାହିଁ। କାହାରି ହୁଏତ ମିଳିଛି, ରାସ୍ତା ଉପରେ ମୃତ କିମ୍ବା ଅର୍ଦ୍ଧମୃତ ଅବସ୍ଥାରେ। ଏହିସବୁ ଘଟଣା ଯେମିତି ନିତିଦିନିଆ ଘଟଣା ହୋଇଯାଇଥିଲା। ବେଶ କିଛି ନିଖୋଜ ଲୋକଙ୍କୁ ଏକ ଗୋପନ ଆସ୍ତାନାରୁ ଉଦ୍ଧାର କରାଯାଇଛି।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

### ରସାତଳଗାମୀ ନୀତି ନୈତିକତା,

## ଦେଶରେ କ୍ରମବର୍ଦ୍ଧମାନ ନାରୀ ନିର୍ଯାତନା ଏବଂ କଲିକତା ଆର ଜି କର ମେଡିକାଲରେ ପୈଶାଚିକ କାଣ୍ଡ

ସଂପ୍ରତି କଲିକତାସ୍ଥ ଆର ଜି କର ମେଡିକାଲ କଲେଜ ଓ ହାସପାତାଳରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ଉପରେ ଗଣ ବଳାତ୍କାର ଓ ବର୍ବରୋଚିତ ହତ୍ୟା ଘଟଣା ସମଗ୍ର ଦେଶର ଜନସାଧାରଣଙ୍କୁ ଗଭୀର ଭାବରେ ଆଲୋଡିତ କରିଛି। ସମଗ୍ର ଦେଶ, ଏପରିକି ଆମର ପଡୋଶୀ ଦେଶମାନଙ୍କ ସମେତ ବିଶ୍ୱର ବିଭିନ୍ନ ଦେଶରେ ଏହି ନାରକୀୟ ପୈଶାଚିକ କାଣ୍ଡ ବିରୁଦ୍ଧରେ ପ୍ରତିବାଦର ଝଡ ଉଠିଛି। ନାରୀ, ପୁରୁଷ, ଯୁବକ, ବୃଦ୍ଧ, ନିର୍ବିଶେଷରେ ସମାଜର ସମସ୍ତ ବର୍ଗର ଜନସାଧାରଣ ଦୋଷୀମାନଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ଦେବା ଦାବିରେ ଲକ୍ଷ ଲକ୍ଷ ସଂଖ୍ୟାରେ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ଲେଖା ପ୍ରେସକୁ ଯିବା ସମୟରେ ମଧ୍ୟ ଦେଶରେ ବିଭିନ୍ନ ସ୍ଥାନରେ, ଏପରିକି ଗାଁ ଗହଳିରେ ମଧ୍ୟ ଏହି ଦାବିରେ ଆନ୍ଦୋଳନ ଚାଲିଛି। ଦିଲ୍ଲୀର ନିର୍ଭୟା ଗଣଧର୍ଷଣ ଓ ହତ୍ୟା ପ୍ରତିବାଦରେ ଏହି ଧରଣର ଜନ ଆକ୍ରୋଶ ଦେଖା ଯାଇଥିଲା। ଦେଶବ୍ୟାପୀ ପ୍ରତିବାଦର ବନ୍ୟା ବହି ଯାଇଥିଲା। ଜନ ଆନ୍ଦୋଳନର ଚାପରେ ତତ୍କାଳୀନ କେନ୍ଦ୍ର ଉପା ସରକାର ଜଷ୍ଟିସ ବର୍ମା କମିଶନ ବସାଇଥିଲେ ଏବଂ ଏହି କମିଶନର ସୁପାରିଶ ଆଧାରରେ ମହିଳାମାନଙ୍କ ଉପରେ ଧର୍ଷଣ, ମହିଳାମାନଙ୍କ ସହିତ ଅସଦ୍‌ବ୍ୟବହାର, ଶାରୀରିକ ନିର୍ଯ୍ୟାତନା ରୋକିବା ପାଇଁ ଭାରତୀୟ ପିଙ୍ଗଳ କୋଡରେ ବହୁ ପରିବର୍ତ୍ତନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ସମଗ୍ର ଦେଶରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦ୍ରୁତ ବଢିଚାଲିଛି। ବିଭିନ୍ନ ରାଜନୈତିକ ଦଳର ନେତାମାନେ ସିଧାସଳଖ ଏହି ଧରଣର ଜଘନ୍ୟ ଅପରାଧରେ ଅଭିଯୁକ୍ତ ଏବଂ ଦଣ୍ଡିତ। କେବଳ ସେତିକି ନୁହେଁ ଜାମ୍ମୁ କାଶ୍ମୀରର କାଠୁଆ ଜିଲ୍ଲାର ଜଣୈକା ନାବାଳିକାକୁ ମନ୍ଦିରରେ ଅଟକରଖି ବାରମ୍ବାର ଗଣଧର୍ଷଣ ଓ ହତ୍ୟା କରିବା ଅପରାଧରେ ଅଭିଯୁକ୍ତମାନଙ୍କ ସମର୍ଥନରେ ଜାମ୍ମୁର ବିଜେପି ଦଳ, ଏପରିକି ସରକାରର ମନ୍ତ୍ରୀମାନେ ଖୋଲାଖୋଲି ଶୋଭାଯାତ୍ରା କରିବା ଭଳି ଦୁର୍ଭାଗ୍ୟଜନକ ଘଟଣା ମଧ୍ୟ ଅତୀତରେ ଦେଖିବାକୁ ମିଳିଛି। ଏହାପୂର୍ବରୁ ଅନ୍ତତଃ କୌଣସି ରାଜନୈତିକ ଦଳ ଧର୍ଷଣକାରୀମାନଙ୍କ ସପକ୍ଷରେ ଶୋଭାଯାତ୍ରା କରିବା ଦେଖା ଯାଇନଥିଲା। ଅଲିମ୍ପିକ ପଦକ ବିଜେତା ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ଲଗାତର ଯୌନ ଶୋଷଣ କରିବା ଅଭିଯୋଗରେ ଅଭିଯୁକ୍ତ ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂହକୁ ସମଗ୍ର ବିଜେପି ଦଳ ତଥା କେନ୍ଦ୍ର ସରକାର ଅତ୍ୟନ୍ତ ଖୋଲାଖୋଲି ଭାବରେ ସମର୍ଥନ ଦେଇ ଦେଶରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି। ଏପରିକି ଏହି ବିଜେପି ନେତାଙ୍କ ବିରୁଦ୍ଧରେ ଏଫଆଇଆର ଦରଜ କରିବାପାଇଁ ମଧ୍ୟ ପୀଡିତାମାନଙ୍କୁ ସୁପ୍ରିମକୋର୍ଟ ଯିବାକୁ ହୋଇଥିଲା। ନାବାଳିକା ଯୌନ ନିର୍ଯ୍ୟାତନାରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ବ୍ରିଜଭୂଷଣ ଗିରଫ ହୋଇନଥିଲା ଏବଂ ବର୍ତ୍ତମାନ କଲିକତା ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନିଜଆଡୁ ବିଚାରପାଇଁ ଗ୍ରହଣ କରିଥିବା ସୁପ୍ରିମକୋର୍ଟ ସେତେବେଳେ ଆଶ୍ଚର୍ଯ୍ୟଜନକ ଭାବରେ ନିରବ ରହିଲେ। ଯନ୍ତରମନ୍ତରଠାରେ ମହିଳା କୁସ୍ତିବିତମାନଙ୍କର ମାସାଧିକ କାଳ ଚାଲିଥିବା ଧାରଣା ସ୍ଥଳକୁ ପୁଲିସ ବଳପୂର୍ବକ ଭାଙ୍ଗିଦେଲା, ପ୍ରତିବାଦକାରୀ ମହିଳା କୁସ୍ତିବିତମାନଙ୍କୁ ପୁଲିସ ରାସ୍ତାରେ ଘୋଷାଡି ଘୋଷାଡି ନେଲା। ମାତ୍ର ଦେଶର ଆଇନ ବ୍ରିଜଭୂଷଣ ଦେହରେ ଟିପ ବି ମାରିପାରିଲା ନାହିଁ। ଆଇନ ତା' ବାଟରେ ଯିବ(Law will take it's own Course) ବୋଲି ହିତବାଣୀ ଶୁଣାଉଥିବା ବିଶିଷ୍ଟ ବ୍ୟକ୍ତି, 'ବେଟି ବଚାଓ ବେଟି ପଢାଓ' ସ୍ଲୋଗାନ ଦେଉଥିବା ପ୍ରଧାନମନ୍ତ୍ରୀ ସଂକୀର୍ଣ୍ଣ ସ୍ୱାର୍ଥପାଇଁ ନିରବ ରହିଲେ। ମୁଖ୍ୟ ଧାରାର ଗଣମାଧ୍ୟମ ବିଜେପି ଦଳ ଏବଂ ଏହାର କଳଙ୍କିତ ନେତାଙ୍କୁ ବଂଚାଇବାରେ ଲାଗିପଡିଲା। ଗର୍ଭବତୀ ବିଲକିସ୍ ବାନୋ ଉପରେ ଗଣଧର୍ଷଣ ଓ ତାଙ୍କ ପରିବାର ଲୋକମାନଙ୍କର ଗଣହତ୍ୟାରେ ଦୋଷୀ ସାବ୍ୟସ୍ତ ଅପରାଧୀମାନଙ୍କୁ ଗୁଜୁରାଟ ସରକାର ବେଆଇନ ଭାବରେ ଜେଲରୁ ମୁକ୍ତ କରିବାପରେ ବିଜେପି, ଆରଏସ୍ଏସ୍ ଓ ବିଶ୍ୱହିନ୍ଦୁ ପରିଷଦର ନେତାମାନେ ଫୁଲ ଚନ୍ଦନ ଦେଇ ଅପରାଧୀମାନଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କୁ ସଂସ୍କାରୀ ବ୍ରାହ୍ମଣ ବୋଲି ଅଭିହିତ କରିଥିଲେ। କେବଳ ବିଜେପି


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




*ସାରା ରାଜ୍ୟରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ପ୍ରତିବାଦ*

### ଭିତର ପୃଷ୍ଠାରେ


★ ଫ୍ରେଡେରିକ ଏଙ୍ଗେଲ୍ସ
★ ଆର ଜି କର ମେଡିକାଲ କଲେଜ ଘଟଣା ପ୍ରତିବାଦରେ ରାଜ୍ୟବ୍ୟାପୀ ଆନ୍ଦୋଳନ



# ପ୍ରଜ୍ଞାର କି ଅଗ୍ନିଶିଖା ହେଲା ନିର୍ବାପିତ, ମହାନ ହୃଦୟ ହେଲା ସ୍ପନ୍ଦନ ରହିତ!

*[ ସର୍ବହରା ଶ୍ରେଣୀର ମହାନ ଶିକ୍ଷକ ଫ୍ରେଡେରିକ ଏଙ୍ଗେଲ୍ସଙ୍କର ମୃତ୍ୟୁପରେ ଋଷିଆରେ ନଭେମ୍ବର ବିପ୍ଳବର କର୍ଣ୍ଣଧାର ତଥା ସମାଜବାଦୀ ସୋଭିଏତ୍ ୟୁନିୟନର ରୂପକାର କମ୍ରେଡ ଲେନିନ ୧୮୯୫ ମସିହା ଶରତ ଋତୁରେ ଏକ କ୍ଷୁଦ୍ର ପ୍ରବନ୍ଧ ଜରିଆରେ ସର୍ବହରା ଶ୍ରେଣୀର ଏହି ମହାନ ଶିକ୍ଷକଙ୍କପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାଞ୍ଜଳ ଓ ସୁଖପାଠ୍ୟ ଏହି ପ୍ରବନ୍ଧ ମାଧ୍ୟମରେ କମ୍ରେଡ ଲେନିନ, ଏଙ୍ଗେଲ୍ସଙ୍କ ଜୀବନ ସଂଗ୍ରାମ ଓ ବିଶ୍ୱ ସର୍ବହରା ବିପ୍ଳବ ପ୍ରତି ତାଙ୍କର ଜୀବନବ୍ୟାପୀ ଅବଦାନ ସଂପର୍କରେ ଋଷିଆର ସଂଗ୍ରାମୀ ସର୍ବହରା ଶ୍ରେଣୀକୁ ଅବଗତ କରାଇଥିଲେ। ଲେନିନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧର ଗୋଟିଏ ଭାଗର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିର ଅଗଷ୍ଟ ୧୫ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ଏହାର ଶେଷ ଭାଗର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। ଅନୁବାଦ ଜନିତ ତ୍ରୁଟି ଓ ସୀମାବଦ୍ଧତାପାଇଁ ଆମେ ସଂପୂର୍ଣ୍ଣ ଭାବରେ ଦାୟୀ। ସଂପାଦକ-ସର୍ବହରା କ୍ରାନ୍ତି ]*

x x x ଇଂଲ୍ୟାଣ୍ଡ ଆସିବା ପୂର୍ବରୁ ଏଙ୍ଗେଲ୍ସ ସମାଜବାଦୀ ନଥିଲେ। ମାଂଚେଷ୍ଟରରେ ରହିବାବେଳେ ସେ ଇଂଲ୍ୟାଣ୍ଡର ତତ୍‌କାଳୀନ ଶ୍ରମିକ ଆନ୍ଦୋଳନ ସହିତ ସକ୍ରିୟଭାବେ ଯୁକ୍ତ ବ୍ୟକ୍ତିମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିଥିଲେ ଏବଂ ଇଂଲ୍ୟାଣ୍ଡର ସମାଜବାଦୀ ପତ୍ର ପତ୍ରିକାରେ ଲେଖାଲେଖି ଆରମ୍ଭ କରିଥିଲେ। ୧୮୪୪ ମସିହାରେ ଜର୍ମାନୀ ଫେରିବା ବାଟରେ ପ୍ୟାରିସଠାରେ ତାଙ୍କର ମାର୍କ୍ସଙ୍କ ସହିତ ପରିଚୟ ହୋଇଥିଲା। ତା'ପୂର୍ବରୁ ସେ ମାର୍କ୍ସଙ୍କ ସହିତ ପତ୍ରାଳାପ ଆରମ୍ଭ କରି ସାରିଥିଲେ। ପ୍ୟାରିସ୍‌ଠାରେ ଫରାସୀ ସାମ୍ୟବାଦ ଓ ଫରାସୀ ଜୀବନ ଯାତ୍ରାର ପ୍ରଭାବରେ ମାର୍କ୍ସ ମଧ୍ୟ ସମାଜବାଦୀରେ ପରିଣତ ହୋଇଥିଲେ। ଏଠାରେ ଦୁଇବନ୍ଧୁ ମିଳିତଭାବେ "ପବିତ୍ର ପରିବାର(The Holy Family)" ବା 'ସମାଲୋଚନାମୂଳକ ସମାଲୋଚନାର ସମୀକ୍ଷା" (Critique of Critical Critique) ପୁସ୍ତକଟି ରଚନା କରିଥିଲେ। "ଇଂଲ୍ୟାଣ୍ଡର ଶ୍ରମିକ ଶ୍ରେଣୀର ଅବସ୍ଥା"(The Condition of the working class in England) ପୁସ୍ତକଟି ଆତ୍ମପ୍ରକାଶ କରିବାର ଏକ ବର୍ଷ ପୂର୍ବରୁ ପ୍ରକାଶିତ ହୋଇଥିବା ଏହି ବହିଟିର ମୁଖ୍ୟ ଅଂଶ ମାର୍କ୍ସଙ୍କ ଦ୍ୱାରା ଲିଖିତ ହୋଇଥିଲା ଓ ଏହି ବହିରେ ବୈପ୍ଳବିକ ସମାଜବାଦର ମୂଳଭିତ୍ତି ସଂପର୍କିତ ବିଷୟଗୁଡିକ ସନ୍ନିବେଶିତ ହୋଇଥିଲା, ଯାହାର ମୁଖ୍ୟ ଭାବ(Ideas) ଗୁଡିକ ଉପରେ ପୂର୍ବରୁ ଆଲୋଚନା କରାଯାଇଛି। 'ପବିତ୍ର ପରିବାର' ହେଉଛି ଦାର୍ଶନିକ ବାଏର ଭାତୃଦ୍ୱୟ ଓ ସେମାନଙ୍କର ଅନୁଗାମୀ ଦାର୍ଶନିକମାନଙ୍କର ଏକ ବିଦ୍ରୁପାତ୍ମକ ନାମ। ଏହି ଭଦ୍ରବ୍ୟକ୍ତିମାନେ ଏକପ୍ରକାର ସମାଲୋଚନାର ପ୍ରଚାର କରୁଥିଲେ ଯାହାକି ସମସ୍ତ ପ୍ରକାର ବାସ୍ତବତାଠାରୁ ଦୂରରେ ଥିଲା, ସମସ୍ତ ପ୍ରକାର ରାଜନୈତିକ ଦଳ ଓ ରାଜନୀତିର ଉର୍ଦ୍ଧ୍ୱରେ ଥିଲା ଓ ଶେଷ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବହାରିକ କର୍ମକାଣ୍ଡକୁ ଅଗ୍ରାହ୍ୟ କରୁଥିଲା। ଏହା କେବଳ ସମାଲୋଚନା ମୂଳକ ଦୃଷ୍ଟିଭଙ୍ଗୀରୁ ବାହ୍ୟଜଗତ ଓ ଏହା ମଧ୍ୟରେ ଘଟିଚାଲିଥିବା ଘଟଣାବଳୀକୁ କଳ୍ପନା କରୁଥିଲା। ଏହି ଭଦ୍ରଲୋକମାନେ, ଅର୍ଥାତ୍ ବାଏରମାନେ ସର୍ବହରାମାନଙ୍କୁ ବିଚାରବୁଦ୍ଧି ହୀନ ଜନସମୁଦାୟ ବୋଲି ଭାବୁଥିଲେ। ମାର୍କ୍ସ ଓ ଏଙ୍ଗେଲ୍ସ ଖୁବ୍ ଦୃଢଭାବେ ଏହି ଉଦ୍‌ଭଟ ଏବଂ କ୍ଷତିକାରକ ଝୁଙ୍କକୁ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ, ଶାସକ ଶ୍ରେଣୀ ଓ ରାଷ୍ଟ୍ରଦ୍ୱାରା ପଦଦଳିତ, ଅଥଚ ବାସ୍ତବ ମଣିଷ – ସର୍ବହରା ଶ୍ରେଣୀ ଅନୁକମ୍ପା ଆବଶ୍ୟକ କରେ ନାହିଁ ; ଦାବି କରେ ଏକ ଉନ୍ନତ ଓ ଉତ୍ତମ ସମାଜପାଇଁ ସଂଗ୍ରାମ। ସେମାନେ ସର୍ବହରା ଶ୍ରେଣୀକୁ ଏକ ଶକ୍ତି ବୋଲି ବିବେଚନା କରୁଥିଲେ। ଏପରିକି ପବିତ୍ର ପରିବାର ପ୍ରକାଶିତ ହେବାପୂର୍ବରୁ ମାର୍କ୍ସ ଓ ରୁଗଙ୍କ ଦ୍ୱାରା ପ୍ରକାଶିତ ଡଏସ୍ ଫ୍ରାଞ୍ଜୋସିସ୍‌କେ ୟାହାର ବୁସେର ପତ୍ରିକାରେ "ରାଜନୈତିକ ଅର୍ଥନୀତି ସଂପର୍କରେ ସମାଲୋଚନାମୂଳକ ପ୍ରବନ୍ଧାବଳୀ"(କ୍ରିଟିକାଲ ଏସେଜ୍ ଅନ୍ ପଲିଟିକାଲ ଇକୋନମି) ଶିରୋନାମାରେ ଏଙ୍ଗେଲ୍ସ ଏକ ଲେଖା ପ୍ରକାଶ କରିଥିଲେ, ଯେଉଁଥିରେ କି ସେ ସମସାମୟିକ ସାମାଜିକ ବ୍ୟବସ୍ଥାର ମୁଖ୍ୟ ଲକ୍ଷଣଗୁଡିକୁ ସମାଜବାଦୀ ଦୃଷ୍ଟିଭଙ୍ଗୀରୁ ବିଶ୍ଳେଷଣ କରିଥିଲେ ଓ ଏଗୁଡିକୁ ବ୍ୟକ୍ତି ସଂପତ୍ତିଭିତ୍ତିକ ଶାସନର ଅନିବାର୍ଯ୍ୟ ପରିଣାମ ଭାବରେ ଚିତ୍ରଣ କରିଥିଲେ। ଏଙ୍ଗେଲ୍ସଙ୍କ ସହିତ ସଂପର୍କ ପ୍ରତିଷ୍ଠା ହେବା ହିଁ ମାର୍କ୍ସଙ୍କ ଦ୍ୱାରା ରାଜନୈତିକ ଅର୍ଥନୀତି ସଂପର୍କରେ ବିଶେଷ ଅଧ୍ୟୟନ ପାଇଁ ନିଷ୍ପତ୍ତି ନେବାର ଅନ୍ୟତମ ମୁଖ୍ୟ କାରଣ। ଏହି ରାଜନୈତିକ ଅର୍ଥନୀତି କ୍ଷେତ୍ରରେ ତାଙ୍କର ଅବଦାନ ବାସ୍ତବରେ ଏକ ବିପ୍ଳବ ସୃଷ୍ଟି କରିଥିଲା।

ଏଙ୍ଗେଲ୍ସ ୧୮୪୫ ମସିହାରୁ ୧୮୪୭ ମସିହା ପର୍ଯ୍ୟନ୍ତ ବ୍ରସେଲ୍‌ସ ଓ ପ୍ୟାରିସରେ ବସବାସ କରୁଥିବା ସମୟରେ ସେଠାରେ ଥିବା ଜର୍ମାନ ଶ୍ରମିକମାନଙ୍କ ମଧ୍ୟରେ ଦୈନନ୍ଦିନ କର୍ମକାଣ୍ଡରେ ଲିପ୍ତ ହେବା ସଙ୍ଗେ ସଙ୍ଗେ ବୈଜ୍ଞାନିକ ଅନୁସନ୍ଧାନ ଚଳାଇ ରଖିଥିଲେ। ଏଠାରେ ମାର୍କ୍ସ ଓ ଏଙ୍ଗେଲ୍ସ ଜର୍ମାନ କମ୍ୟୁନିଷ୍ଟ ଲିଗ ନାମକ ଏକ ଗୋପନ ସଂଗଠନ ସହିତ ଯୋଗାଯୋଗ ସ୍ଥାପନ କରିଥିଲେ। ସେମାନଙ୍କ ଦ୍ୱାରା ବର୍ଣ୍ଣିତ ସମାଜବାଦର ମୁଖ୍ୟ ସୂତ୍ରଗୁଡିକୁ ପ୍ରାଞ୍ଜଳଭାବେ ବ୍ୟାଖ୍ୟା କରିବା ପାଇଁ ଏହି ଗୁପ୍ତ ଲିଗ ସେମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲା। ଏହିଭଳି ଭାବରେ ୧୮୪୮ ମସିହାରେ ମାର୍କ୍ସ ଓ ଏଙ୍ଗେଲ୍ସଙ୍କ ଦ୍ୱାରା ଲିଖିତ ପ୍ରଖ୍ୟାତ କମ୍ୟୁନିଷ୍ଟ ପାର୍ଟିର ଇସ୍ତାହାର(Menifesto of the Communist Party)ର ସୃଷ୍ଟି ହେଲା। ବହୁ ବଡ ବଡ ଗ୍ରନ୍ଥଠାରୁ ବାସ୍ତବରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଏହି କ୍ଷୁଦ୍ର ପୁସ୍ତିକାଟି ଆଜି ପର୍ଯ୍ୟନ୍ତ ସଭ୍ୟ ସମାଜର ସମଗ୍ର ସଂଗଠିତ ଓ ସଂଗ୍ରାମରତ ସର୍ବହରା ଶ୍ରେଣୀକୁ ଗଭୀରଭାବେ ଅନୁପ୍ରାଣିତ କରୁଛି।

ପ୍ରଥମେ ଫ୍ରାନ୍ସରେ ଆରମ୍ଭ ହୋଇ ପରେ ଅନ୍ୟାନ୍ୟ ପଶ୍ଚିମ ୟୁରୋପୀୟ ଦେଶଗୁଡିକୁ ବ୍ୟାପୀ ଯାଇଥିବା ୧୮୪୮ ମସିହାର ବିପ୍ଳବ ମାର୍କ୍ସ ଓ ଏଙ୍ଗେଲ୍ସଙ୍କୁ ସେମାନଙ୍କର ଜନ୍ମଭୂମିକୁ ଫେରାଇ ଆଣିଥିଲା। ପ୍ରୁସିଆର ରାଇନ୍ ଅଂଚଳରେ ବାସକଲାବେଳେ ସେମାନେ କଲୋନ୍‌ଠାରୁ ପ୍ରକାଶିତ ହେଉଥିବା ଗଣତାନ୍ତ୍ରିକ ନ୍ୟୁ ରାଇନିସ ଜେଇଟୁଂ ପତ୍ରିକାର ସଂପାଦନାର ଦାୟିତ୍ୱ ନେଲେ। ପ୍ରୁସିଆର ରାଇନ୍ ଅଂଚଳରେ ଚାଲିଥିବା ସମସ୍ତ ପ୍ରକାର ବୈପ୍ଳବିକ ଆନ୍ଦୋଳନର ଆଶା ଆକାଂକ୍ଷା, ହୃଦୟ ଓ ଆତ୍ମାଥିଲେ ଏଇ ଦୁଇ ବନ୍ଧୁ। ସେମାନେ ଶେଷ ପର୍ଯ୍ୟନ୍ତ ପ୍ରତିକ୍ରିୟାଶୀଳ ଶକ୍ତି ବିରୁଦ୍ଧରେ ସ୍ୱାଧୀନତା ଓ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ ଚଳାଇ ଯାଇଥିଲେ। ଆମେ ଜାଣୁ ଯେ ଶେଷ ପର୍ଯ୍ୟନ୍ତ ପ୍ରତିକ୍ରିୟାଶୀଳ ଶକ୍ତି ଜୟଯୁକ୍ତ ହୋଇଥିଲା। "ନ୍ୟୁ ରାଇନିସ ଜେଇଟୁଂ" ପତ୍ରିକାକୁ ଦମନ କରାଯାଇଥିଲା। ନିର୍ବାସନ ସମୟରେ ନିଜର ପ୍ରୁସୀୟ ନାଗରିକତ୍ୱ ହରାଇଥିବା ମାର୍କ୍ସ ଦେଶାନ୍ତରିତ ହୋଇଥିଲେ; ଏଙ୍ଗେଲ୍ସ ସମସ୍ତ ଗଣ ଅଭ୍ୟୁତ୍‌ଥାନରେ ଅଂଶଗ୍ରହଣ କରି ମୁକ୍ତି ପାଇଁ ତିନୋଟି ସଶସ୍ତ୍ର ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ଏବଂ ବିଦ୍ରୋହୀମାନଙ୍କ ପରାଜୟପରେ ସୁଇଜରଲ୍ୟାଣ୍ଡ ବାଟଦେଇ ଲଣ୍ଡନକୁ ଚାଲିଯାଇଥିଲେ।

ମାର୍କ୍ସ ମଧ୍ୟ ଲଣ୍ଡନରେ ବସବାସ କରିବାକୁ ଲାଗିଲେ। ଖୁବ୍‌ଶୀଘ୍ର ଏଙ୍ଗେଲ୍ସ ଚାଳିଶ ଦଶକରେ କାମକରିଥିବା ବ୍ୟବସାୟିକ ସଂସ୍ଥାରେ ପୁଣି କିରାଣୀ ଚାକିରି କଲେ ଓ ପରେ କମ୍ପାନୀର ଅନ୍ୟତମ ଅଂଶୀଦାର ହେଲେ। ୧୮୭୦ ମସିହା ପର୍ଯ୍ୟନ୍ତ ସେ ମାଂଚେଷ୍ଟରଠାରେ ବାସ କରୁଥିବା ବେଳେ ମାର୍କ୍ସ ଲଣ୍ଡନରେ ବସବାସ କରୁଥିଲେ। ମାତ୍ର ଏହି ଦୂରତ୍ୱ ସେମାନଙ୍କୁ ପରସ୍ପର ମଧ୍ୟରେ ଅତ୍ୟନ୍ତ ଜୀବନ୍ତ ଭାବେ ଭାବର ଆଦାନ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିପାରିନଥିଲା। ସେମାନେ ପ୍ରାୟ ପ୍ରତ୍ୟେକ ଦିନ ପରସ୍ପର ସହିତ ପତ୍ରାଳାପ କରୁଥିଲେ। ଏହି ପତ୍ରାଳାପ ଜରିଆରେ ଦୁଇ ବନ୍ଧୁ ନାନାପ୍ରକାର ଧ୍ୟାନ, ଧାରଣା ଓ ଆବିଷ୍କାର ସଂପର୍କରେ ମତର ଆଦାନ ପ୍ରଦାନ କରୁଥିଲେ ଓ ବିଜ୍ଞାନଭିତ୍ତିକ ସମାଜବାଦକୁ ଆହୁରି ସ୍ପଷ୍ଟ ରୂପରେଖ ଦେଲେ। ୧୮୭୦ ମସିହାରେ ଏଙ୍ଗେଲ୍ସ ଲଣ୍ଡନଗଲେ ଏବଂ ୧୮୮୩ ମସିହାରେ ମାର୍କ୍ସଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କର ଅତ୍ୟନ୍ତ କଷ୍ଟସାଧ୍ୟ ଓ ଶ୍ରମସାପେକ୍ଷ ମିଳିତ ବୌଦ୍ଧିକ ଜୀବନ ସେଠାରେ ଅତିବାହିତ ହୋଇଥିଲା। ଏହାର ଫଳ ହେଉଛି ମାର୍କ୍ସଙ୍କ ଦ୍ୱାରା ରଚିତ ରାଜନୈତିକ ଅର୍ଥନୀତି କ୍ଷେତ୍ରରେ ଆମ ସମୟର ସବୁଠାରୁ ମହାନ ଗ୍ରନ୍ଥ କ୍ୟାପିଟାଲ ଓ ଏଙ୍ଗେଲ୍ସଙ୍କ ଦ୍ୱାରା ରଚିତ ଛୋଟ ବଡ ଅନେକ ଗୁଡିଏ ପୁସ୍ତକ। ମାର୍କ୍ସ ପୁଞ୍ଜିବାଦୀ ଅର୍ଥନୀତିର ଜଟିଳ ବିଷୟଗୁଡିକ ସଂପର୍କରେ ବିଶ୍ଳେଷଣ କରିଥିଲେ। ଏଙ୍ଗେଲ୍ସ ସରଳ ଭାଷାରେ ଏବଂ ଅନେକ ସମୟରେ ବୌଦ୍ଧିକ ବିତର୍କ ରୂପରେ ଇତିହାସର ବସ୍ତୁବାଦୀ ଧାରଣାର ଭିତ୍ତିରେ ମାର୍କ୍ସଙ୍କ ଅର୍ଥନୈତିକ ତତ୍ତ୍ୱକୁ ଅବଲମ୍ବନ କରି ଅଧିକରୁ ଅଧିକ ସାଧାରଣ ବୈଜ୍ଞାନିକ ପ୍ରଶ୍ନ ଉପରେ ଆଲୋଚନା କରିଥିଲେ। ଏଙ୍ଗେଲ୍ସଙ୍କ ରଚନାମାନଙ୍କ ମଧ୍ୟରୁ ଆମେ ଡୁରିଙ୍ଗଙ୍କ ବିରୁଦ୍ଧରେ ତାଙ୍କର ବିତର୍କ ମୂଳକ ଲେଖା(ଯେଉଁଥିରେ ସେ ଦର୍ଶନ, ପ୍ରକୃତି ବିଜ୍ଞାନ ଓ ସାମାଜିକ ବିଜ୍ଞାନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ବିଶ୍ଳେଷଣ କରିଛନ୍ତି), 'ପରିବାର ବ୍ୟକ୍ତି ସଂପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି(The Origin of the family Private Property and the State)', 'ଲୁଡଉଇଗ୍ ଫିଓରବାକ୍ (Ludwig Feuerbach)', ଋଷିଆ ସରକାରଙ୍କର ବୈଦେଶିକ ନୀତି ସଂପର୍କରେ ଗୋଟିଏ ପ୍ରବନ୍ଧ, ବାସଗୃହ ସମସ୍ୟା ସଂପର୍କରେ ଏକ ଚମତ୍କାର ପ୍ରବନ୍ଧ ଏବଂ ଶେଷରେ ଋଷିଆର ଅର୍ଥନୈତିକ ବିକାଶ ସଂପର୍କରେ ଦୁଇଟି କ୍ଷୁଦ୍ର, ମାତ୍ର ଅତ୍ୟନ୍ତ ମୂଲ୍ୟବାନ ପୁସ୍ତିକା ଗୁଡିକ ସଂପର୍କରେ ଏଠାରେ ଉଲ୍ଲେଖ କରୁଛୁ। ପୁଞ୍ଜି ସଂପର୍କରେ ତାଙ୍କର ବିଶାଳ ଗ୍ରନ୍ଥକୁ ଶେଷ କରିବା ପୂର୍ବରୁ ମାର୍କ୍ସ ମୃତ୍ୟୁବରଣ କରିଥିଲେ। ମାତ୍ର ଏହାର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ସାରିଥିଲା। ବନ୍ଧୁଙ୍କର ମୃତ୍ୟୁପରେ ଏଙ୍ଗେଲ୍ସ କ୍ୟାପିଟାଲର ଦ୍ୱିତୀୟ ଓ ତୃତୀୟ ଖଣ୍ଡ ଦୁଇଟିକୁ ପ୍ରସ୍ତୁତ କରି ପ୍ରକାଶ କରିବାର ଗୁରୁଦାୟିତ୍ୱ ବହନ କରିଥିଲେ। ସେ ଦ୍ୱିତୀୟ ଖଣ୍ଡଟିକୁ ୧୮୮୫ ମସିହାରେ ଓ ତୃତୀୟ ଖଣ୍ଡକୁ ୧୮୯୪ ମସିହାରେ ପ୍ରକାଶ କରିଥିଲେ(ତାଙ୍କର ମୃତ୍ୟୁ ଯୋଗୁ ଚତୁର୍ଥ ଖଣ୍ଡଟି ପ୍ରକାଶିତ ହୋଇ ପାରିନଥିଲା)। ଏହି ଦୁଇ ଗ୍ରନ୍ଥ ପ୍ରକାଶନ ପ୍ରବଳ ପରିଶ୍ରମ ସାପେକ୍ଷ ଥିଲା। ଅଷ୍ଟ୍ରିଆର ଆଡ୍‌ଲର ଯଥାର୍ଥଭାବେ ମନ୍ତବ୍ୟ ଦେଇଛନ୍ତି ଯେ, କ୍ୟାପିଟାଲ ଗ୍ରନ୍ଥର ଦ୍ୱିତୀୟ ଓ ତୃତୀୟ ଖଣ୍ଡ ପ୍ରକାଶିତ କରି ଏଙ୍ଗେଲ୍‌ସ ତାଙ୍କର ସେହି ବିଶାଳ ପ୍ରତିଭାବାନ ବନ୍ଧୁଙ୍କ ପାଇଁ ଏକ ମହାନ ସ୍ମୃତିସ୍ତମ୍ଭ ତୋଳି ଦେଇଛନ୍ତି; ଯେଉଁ ସ୍ମୃତି ସ୍ତମ୍ଭରେ ସେ ନିଜ ଅଜାଣତରେ ନିଜର ନାମ ମଧ୍ୟ ଅଲିଭା ଅକ୍ଷରରେ ଖୋଦିତ କରିଯାଇଛନ୍ତି। ବାସ୍ତବରେ କ୍ୟାପିଟାଲ୍‌ର ଏଇ ଦୁଇଟିଭାଗ ହେଉଛି ଦୁଇଜଣ ବ୍ୟକ୍ତିଙ୍କର ରଚନା, ସେମାନେ ହେଲେ ମାର୍କ୍ସ ଓ ଏଙ୍ଗେଲ୍ସ। **ପ୍ରାଚୀନ କିମ୍ବଦନ୍ତୀ ମାନଙ୍କରେ ବନ୍ଧୁତ୍ୱର ଅନେକ ମର୍ମସ୍ପର୍ଶୀ ଦୃଷ୍ଟାନ୍ତ ରହିଛି। ୟୁରୋପୀୟ ସର୍ବହରାଶ୍ରେଣୀ ମଧ୍ୟ ଏକଥା କହିପାରେ ଯେ, ଏହାର ବିଜ୍ଞାନ ଦୁଇଜଣ ବିଦ୍ୱାନ ଓ ସଂଗ୍ରାମୀଙ୍କ ଦ୍ୱାରା ସୃଷ୍ଟି ହୋଇଛି; ଯେଉଁମାନଙ୍କ ମଧ୍ୟରେ ପାରସ୍ପରିକ ନିବିଡ ବନ୍ଧୁତ୍ୱ ମାନବିକ ସଂପର୍କ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସବୁଠାରୁ ଅଧିକ ହୃଦୟସ୍ପର୍ଶୀ କାହାଣୀକୁ ମଧ୍ୟ ବଳିଯାଇଛି।** ଏଙ୍ଗେଲ୍ସ ସବୁବେଳେ ଏବଂ ଯୁକ୍ତିଯୁକ୍ତ ଭାବରେ ହିଁ ନିଜକୁ ମାର୍କ୍ସଙ୍କ ପରେ ଅବସ୍ଥାପିତ କରିଯାଇଛନ୍ତି। ମୁଁ ସହାୟକର ଭୂମିକା ପାଳନ କରୁଛି ବୋଲି ମାର୍କ୍ସଙ୍କ ଜୀବିତାବସ୍ଥାରେ ସେ ଜଣେ ବନ୍ଧୁଙ୍କୁ ଲେଖିଥିଲେ। ଜୀବିତ ମାର୍କ୍ସଙ୍କ ପ୍ରତି ତାଙ୍କର ଅନୁରାଗ ଓ ମୃତ ମାର୍କ୍ସଙ୍କର ସ୍ମୃତି ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ଥିଲା ବାସ୍ତବରେ ଅସୀମ। ଏହି ସୁକଠୋର ସଂଗ୍ରାମୀ ଓ ସଂଯମୀ ଚିନ୍ତାନାୟକଙ୍କର ହୃଦୟଥିଲା ଅତ୍ୟନ୍ତ କୋମଳ ଓ ସ୍ନେହଶୀଳ।

୧୮୪୮-୪୯ର ଆନ୍ଦୋଳନ ପରେ ମାର୍କ୍ସ ଓ ଏଙ୍ଗେଲ୍ସ ନିର୍ବାସିତ ଜୀବନ ଯାପନ କରୁଥିବାବେଳେ ମଧ୍ୟ କେବଳ ବୈଜ୍ଞାନିକ ଗବେଷଣା ମଧ୍ୟରେ ନିଜ-ନିଜକୁ ସୀମାବଦ୍ଧ ରଖିନଥିଲେ। ୧୯୬୪ ମସିହାରେ ମାର୍କ୍ସ ଆନ୍ତର୍ଜାତୀୟ ଶ୍ରମଜୀବୀ ସଂଘ ଗଠନ କରି ଦଶବର୍ଷ ପର୍ଯ୍ୟନ୍ତ ଏହାର ନେତୃତ୍ୱ ନେଇଥିଲେ। ଏଙ୍ଗେଲ୍ସ ମଧ୍ୟ ଏହାର କାର୍ଯ୍ୟକଳାପରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ନିଜର ଚିନ୍ତାଧାରା ଅନୁଯାୟୀ ସବୁଦେଶର ସର୍ବହରାମାନଙ୍କୁ ଏକତ୍ରିତ କରିବା ଉଦ୍ଦେଶ୍ୟରେ ମାର୍କ୍ସ ଗଠନ କରିଥିବା ଏହି ସଂଘ ଶ୍ରମିକ ଶ୍ରେଣୀ ଆନ୍ଦୋଳନ ଗଢିତୋଳିବା କ୍ଷେତ୍ରରେ ବ୍ୟାପକ ଗୁରୁତ୍ୱ ବହନ କରିଥିଲା। ସତୁରୀ ଦଶକରେ ଏହି ସଂଘର କାର୍ଯ୍ୟକଳାପ ବନ୍ଦ ହୋଇ ଗଲାପରେ ମଧ୍ୟ ଶ୍ରମିକ ଶ୍ରେଣୀ ମଧ୍ୟରେ ଐକ୍ୟ ପ୍ରତିଷ୍ଠା କ୍ଷେତ୍ରରେ ମାର୍କ୍ସ ଓ ଏଙ୍ଗେଲ୍ସଙ୍କର ଭୂମିକା ବଳବତ୍ତର ରହିଥିଲା ବରଂ ଅନ୍ୟଦିଗରେ ଏହା କୁହାଯାଇପାରେ ଯେ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ବୈଜ୍ଞାନିକ ନେତାଭାବେ ସେମାନଙ୍କର ଗୁରୁତ୍ୱ ନିରବଚ୍ଛିନ୍ନ ଭାବେ ବୃଦ୍ଧି ପାଇବାରେ ଲାଗିଲା, କାରଣ ଏହି ଆନ୍ଦୋଳନ ମଧ୍ୟ କ୍ରମାଗତ ଭାବେ ଶକ୍ତିଶାଳୀ ହେବାରେ ଲାଗିଲା। ମାର୍କ୍ସଙ୍କ ମୃତ୍ୟୁପରେ ଏଙ୍ଗେଲ୍ସ ଏକାକୀ ୟୁରୋପୀୟ ସମାଜବାଦୀ ମାନଙ୍କର ନେତା ଓ ଉପଦେଷ୍ଟାର ଭୂମିକା ପାଳନ କରିବାକୁ ଲାଗିଲେ। ଗୋଟିଏ ଦିଗରେ ସରକାରୀ ଦମନଲୀଳା ସତ୍ତ୍ୱେ ଦ୍ରୁତ ଓ ଅବିଚଳ ଭାବେ ଶକ୍ତିଶାଳୀ ହେଉଥିବା ଜର୍ମାନ ସମାଜବାଦୀମାନେ ଓ ଅନ୍ୟପକ୍ଷରେ ସ୍ପେନ୍, ରୁମାନିଆ ଓ ଋଷିଆ ଭଳି ପଛୁଆ ଦେଶ, ଯେଉଁଠାରେ ସମାଜବାଦୀମାନେ ଖୁବ୍ ଭାବିଚିନ୍ତି କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିଲେ; ଉଭୟଙ୍କର ପ୍ରତିନିଧିମାନେ ସମାନ ଭାବରେ ତାଙ୍କର ଉପଦେଶ ଓ ନିର୍ଦ୍ଦେଶକୁ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ପ୍ରଜ୍ଞାର କି ଅଗ୍ନିଶିଖା . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ମୂଲ୍ୟ ଦେଉଥିଲେ। ଏଙ୍ଗେଲ୍ସଙ୍କର ପରିଣତ ବୟସରେ ସେମାନେ ସମସ୍ତେ ତାଙ୍କର ବିଶାଳ ଜ୍ଞାନଭଣ୍ଡାର ଓ ଅଭିଜ୍ଞତାରୁ ଶିକ୍ଷାଲାଭ କରୁଥିଲେ।

ଋଷୀୟ ଭାଷା ଜାଣିଥିବାରୁ ଓ ଋଷୀୟ ଭାଷାରେ ଲିଖିତ ବହିପତ୍ର ପଢିପାରୁଥିବା ମାର୍କ୍ସ ଓ ଏଙ୍ଗେଲ୍ସଙ୍କର ଋଷ ଦେଶ ସଂପର୍କରେ ପ୍ରବଳ ଆଗ୍ରହ ରହିଥିଲା ଓ ସେ ଦୁହେଁ ସମସ୍ତ ସହାନୁଭୂତି ସହିତ ଋଷିଆରେ ବୈପ୍ଲବିକ ଆନ୍ଦୋଳନର ଗତିପ୍ରକୃତିକୁ ଅନୁଧ୍ୟାନ କରୁଥିଲେ ଏବଂ ଋଷିଆର ବିପ୍ଳବୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲେ। ସେ ଦୁହେଁ ପ୍ରଥମେ ଗଣତନ୍ତ୍ରବାଦୀ ହେବାପରେ ହିଁ ସମାଜବାଦୀ ହୋଇଥିଲେ ଏବଂ ରାଜନୈତିକ ସ୍ୱେଚ୍ଛାଚାର ବିରୁଦ୍ଧରେ ସେମାନଙ୍କର ତୀବ୍ର ଘୃଣାଭାବ ରହିଥିଲା। ଏହିଭଳି ସିଧାସଳଖ ରାଜନୈତିକ ଅନୁଭୂତି ଓ ଗଭୀର ତତ୍ତ୍ୱଗତ ଉପଲବ୍ଧିର ମୂଳଦୁଆ ଯୋଗୁଁ ସେମାନେ ରାଜନୈତିକ ସ୍ୱେଚ୍ଛାଚାର ଓ ଅର୍ଥନୈତିକ ଦମନ ପୀଡନ ମଧ୍ୟରେ ଥିବା ସଂପର୍କକୁ ବୁଝିପାରିଥିଲେ। ଏହାବ୍ୟତୀତ ବ୍ୟାପକ ଅନୁଭୂତି ସମୃଦ୍ଧ ଜୀବନ ସେମାନଙ୍କ ମଧ୍ୟରେ ଗଭୀର ରାଜନୈତିକ ସଂବେଦନଶୀଳତା ସୃଷ୍ଟି କରିଥିଲା।

ଏଥିପାଇଁ ହିଁ ପ୍ରବଳ ପରାକ୍ରମଶାଳୀ ଜାର ସରକାର ବିରୁଦ୍ଧରେ ମୁଷ୍ଟିମେୟ ଋଷୀୟ ବିପ୍ଳବୀମାନଙ୍କର ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଏଇ ଦୁଇ ପରୀକ୍ଷିତ ବିପ୍ଳବୀଙ୍କ ହୃଦୟରେ ଗଭୀର ସହାନୁଭୂତିର ପ୍ରତିଧ୍ୱନୀ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ଅତି ଅଳୀକ ଓ ସାମାନ୍ୟ ଅର୍ଥନୈତିକ ସୁବିଧା ସୁଯୋଗ ହାସଲ ପାଇଁ ଋଷିଆର ସମାଜବାଦୀମାନଙ୍କର ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଓ ଆଶୁ ରାଜନୈତିକ ସ୍ୱାଧୀନତା ହାସଲ କରିବାର ସଂଗ୍ରାମରୁ ବିଚ୍ୟୁତ ହେବା ଘଟଣା ଯଥାର୍ଥ ଭାବେ ସେମାନଙ୍କୁ ସନ୍ଦେହଜନକ ମନେ ହେଉଥିଲା, ଏପରିକି ସେମାନେ ଏତାଦୃଶ କାର୍ଯ୍ୟକୁ ସମାଜବାଦୀ ବିପ୍ଳବର ମହାନ କର୍ମପ୍ରତି ସିଧାସଳଖ ବିଶ୍ୱାସଘାତକତା ଭାବେ ଅଭିହିତ କରିଥିଲେ। ମାର୍କ୍ସ ଓ ଏଙ୍ଗେଲ୍ସ ବରାବର ଶିକ୍ଷା ଦେଉଥିଲେ ଯେ, ଶ୍ରମିକମାନଙ୍କର ମୁକ୍ତିର ଦାୟିତ୍ୱ ଖୋଦ ଶ୍ରମିକ ଶ୍ରେଣୀର, ମାତ୍ର ଏହାର ଅର୍ଥନୈତିକ ମୁକ୍ତି ସଂଗ୍ରାମ ପାଇଁ ସର୍ବହରା ଶ୍ରେଣୀ ନିଜପାଇଁ କେତେକ ରାଜନୈତିକ ଅଧିକାର ଅର୍ଜନ କରିବା ଆବଶ୍ୟକ। ଆହୁରି ମଧ୍ୟ ମାର୍କ୍ସ ଓ ଏଙ୍ଗେଲ୍ସ ସ୍ପଷ୍ଟ ଦେଖିପାରୁଥିଲେ ଯେ, ଋଷିଆରେ ରାଜନୈତିକ ବିପ୍ଳବ ପଶ୍ଚିମ ୟୁରୋପର ଶ୍ରମିକ ଆନ୍ଦୋଳନ ପାଇଁ ପ୍ରଚଣ୍ଡ ଗୁରୁତ୍ୱ ବହନ କରେ। ସାଧାରଣ ଭାବେ ସ୍ୱେରାଚାରୀ ଋଷିଆ ସଦାସର୍ବଦା ୟୁରୋପୀୟ ପ୍ରତିକ୍ରିୟାର କେନ୍ଦ୍ରସ୍ଥଳ ଭାବେ କାର୍ଯ୍ୟକରି ଆସିଛି। ଜର୍ମାନୀ ଓ ଫ୍ରାନ୍ସ ମଧ୍ୟରେ ଦୀର୍ଘ ଦିନଧରି ବିଭେଦର ମଞ୍ଜି ବୁଣିଥିବା ୧୮୭୦ ମସିହାର ଯୁଦ୍ଧ ଫଳରେ ଋଷିଆ ଆନ୍ତର୍ଜାତିକ କ୍ଷେତ୍ରରେ ଅସାଧାରଣ ଅନୁକୂଳ ସ୍ଥିତି ଉପଭୋଗ କରୁଛି ଏବଂ ଏହାଫଳରେ ଏକ ପ୍ରତିକ୍ରିୟାଶୀଳ ଶକ୍ତିଭାବେ ସ୍ୱେରାଚାରୀ ଋଷିଆର ଗୁରୁତ୍ୱ ବହୁଗୁଣିତ ହୋଇଛି। କେବଳ ମାତ୍ର ଏକ ମୁକ୍ତ ଋଷିଆ, ଯେଉଁ ଋଷିଆର ପୋଲାଣ୍ଡ, ଫିନ୍‌ଲ୍ୟାଣ୍ଡ, ଜର୍ମାନୀ, ଆର୍ମେନିଆ, ବା ଅନ୍ୟ କୌଣସି ଛୋଟ ଦେଶକୁ ଦମନ କରିବା କିମ୍ବା ଲଗାତର ଭାବେ ଜର୍ମାନୀ ଓ ଫ୍ରାନ୍ସକୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱରେ ଲିପ୍ତ କରାଇବାର ଆବଶ୍ୟକତା ନଥିବ, ସେହି ଋଷିଆହିଁ ୟୁରୋପକୁ ଯୁଦ୍ଧଭାରରୁ ମୁକ୍ତ କରିବ, ଶାନ୍ତିରେ ନିଃଶ୍ୱାସ ମାରିବାର ସୁଯୋଗ ଦେବ, ସମସ୍ତ ପ୍ରକାର ପ୍ରତିକ୍ରିୟାଶୀଳ ଶକ୍ତିକୁ ଦୁର୍ବଳ କରିବ ଓ ୟୁରୋପୀୟ ଶ୍ରମିକ ଶ୍ରେଣୀ ଆନ୍ଦୋଳନକୁ ଅପରିମେୟ ଶକ୍ତି ଯୋଗାଇ ପାରିବ। ସେଥିପାଇଁ ହିଁ ପଶ୍ଚିମ ୟୁରୋପର ଶ୍ରମିକଶ୍ରେଣୀ ଆନ୍ଦୋଳନର ଅଗ୍ରଗତି ପାଇଁ ମଧ୍ୟ ଋଷିଆର ରାଜନୈତିକ ସ୍ୱାଧୀନତା ଏଙ୍ଗେଲ୍ସଙ୍କ ପାଇଁ ଏକାନ୍ତ କାମ୍ୟ ଥିଲା। ତାଙ୍କ ମୃତ୍ୟୁରେ ଋଷୀୟ ବିପ୍ଳବୀମାନେ ସେମାନଙ୍କର ସବୁଠାରୁ ଶ୍ରେଷ୍ଠ ବନ୍ଧୁଙ୍କୁ ହରାଇଛନ୍ତି। ଆସନ୍ତୁ ଆମେ ସମସ୍ତେ ସେଇ ମହାନ ଯୋଦ୍ଧା ଓ ସର୍ବହରା ଶ୍ରେଣୀର ଶିକ୍ଷକ, ଫ୍ରେଡେରିକ ଏଙ୍ଗେଲ୍ସଙ୍କର ସ୍ମୃତିପ୍ରତି ସମ୍ମାନ ପ୍ରଦର୍ଶନ କରିବା। (ସମାପ୍ତ)

★★★

## ରସାତଳଗାମୀ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ନୁହେଁ, ଅନ୍ୟାନ୍ୟ ଭୋଟ ସର୍ବସ୍ୱ ଦଳମାନଙ୍କର ଆଭିମୁଖ୍ୟ ମଧ୍ୟ ବିଜେପିଠାରୁ ଭିନ୍ନ ନୁହେଁ। ଏହାର ଶହ ଶହ ଉଦାହରଣ ଦିଆଯାଇ ପାରିବ।

ଏହିଭଳି ପୃଷ୍ଠଭୂମିରେ କଲିକତାର ଆରଜି କର ମେଡିକାଲ କଲେଜ ହାସପାତାଳରେ ଜନୈକ କର୍ତ୍ତବ୍ୟରତ ମହିଳା ଡାକ୍ତରଙ୍କର ପୈଶାଚିକ ଧର୍ଷଣ ଓ ହତ୍ୟା ଘଟଣା ବିରୁଦ୍ଧରେ ସମଗ୍ର ଦେଶ, ଏପରିକି ବିଦେଶରେ ମଧ୍ୟ ତୁମୁଳ ପ୍ରତିବାଦର ସ୍ୱର ଉଠିଛି। ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର କରିବା, ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି, ଏବଂ ମୃତ୍ୟୁ ଦଣ୍ଡର ଦାବି ପୁନର୍ବାର ଉଠିଛି। କଠୋର ଆଇନ ଓ ଦୃଷ୍ଟାନ୍ତମୂଳକ ଶାସ୍ତିର ଆବଶ୍ୟକତା ରହିଥିଲେ ମଧ୍ୟ ପ୍ରଶ୍ନ ଉଠୁଛି, ଏସବୁ କ'ଣ ମିହଳାମାନଙ୍କ ଉପରେ ଅତ୍ୟାଚାର, ନାରୀ ଧର୍ଷଣ, ଗଣଧର୍ଷଣ ଘଟଣାକୁ ରୋକିପାରିଛି ? ଏହାର ସ୍ପଷ୍ଟ ଉତ୍ତର ହେଉଛି ନା। ମହିଳା ମାନଙ୍କ ଉପରେ ହିଂସା ବଢି ବଢି ଚାଲିଛି, ଉଦ୍‌ବେଗଜନକ ଭାବରେ ବଢିଚାଲିଛି।

ଏହାର କାରଣ ମୂଳତଃ ରହିଛି ଆମ ଦେଶରେ ଶାସକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ସାମାଜିକ ସାଂସ୍କୃତିକ ପରିବେଶ ମଧ୍ୟରେ।

ସରକାରୀ ପ୍ରୋତ୍ସାହନରେ ମଦ, ମାଦକ ଦ୍ରବ୍ୟ, ଡ୍ରଗ୍ସ ଓ ପର୍ଣ୍ଣୋଗ୍ରାଫିର ଅବାଧ ପ୍ରସାର ସମଗ୍ର ସମାଜକୁ ଏକ ଲୁକ୍କାୟିତ ପୈଶାଚିକତାର ଦିଗକୁ ଦ୍ରୁତ ପ୍ରବାହିତ କରୁଛି। ସମଗ୍ର ସମାଜର ମଂଜକୁ ଏହା କୋରି କୋରି ଖାଇଯାଉଛି। ସମଗ୍ର ସମାଜର ନୈତିକ ଅଧଃପତନ ଅପ୍ରତିରୋଧ ଗତିରେ ଚାଲିଛି। ଏହିଭଳି ପରିସ୍ଥିତିରେ କିଛିଦିନ ପୂର୍ବରୁ ଦେଶର ସମସ୍ତ ପ୍ରମୁଖ ଖବରକାଗଜରେ, 'ଫୋନରେ ପର୍ଣ୍ଣୋଗ୍ରାଫି ଦେଖି କିଶୋର ଦ୍ୱାରା ନିଜ ଭଉଣୀକୁ ଧର୍ଷଣ ଓ ହତ୍ୟା' ଶିରୋନାମାରେ ପ୍ରକାଶିତ ସମ୍ବାଦ ଚିନ୍ତାଶୀଳ ପାଠକମାନଙ୍କୁ ବ୍ୟଥିତ କରିଥିଲେ ମଧ୍ୟ ମନେହେଉଛି ନୀତି ନୈତିକତାର ଏହି ଅବଶ୍ୟମ୍ଭାବୀ ଧ୍ୱଂସ ମୁହଁରୁ ଯେମିତି ଆଉ କାହାରି ପରିତ୍ରାଣ ନାହିଁ। ଦେଶରେ ଘଟି ଚାଲିଥିବା ଏହି ଧରଣର ହୃଦୟ ବିଦାରକ ଘଟଣାବଳୀ ପରିପ୍ରେକ୍ଷୀରେ ପାଠକମାନଙ୍କର ସମ୍ମୁଖରେ ଆମେ ଏ ସଂପର୍କିତ କେତେକ ଦିଗ ଏଠାରେ ଉତ୍‌ଥାପନ କରିବାକୁ ଆବଶ୍ୟକ ମନେକରୁଛୁ।

### ନୈତିକ ଅଧଃପତନ ଓ ଗଣମାଧ୍ୟମ

ବିଶ୍ୱପୁଞ୍ଜିବାଦର ବର୍ତ୍ତମାନର ଚୂଡାନ୍ତ ସଂକଟର ଯୁଗରେ ମଣିଷ ସମ୍ମୁଖରେ, ବିଶେଷତଃ ଛାତ୍ର ଯୁବ ସଂପ୍ରଦାୟ ସମ୍ମୁଖରେ ନା ଅଛି ଉନ୍ନତ ଜ୍ଞାନ ଓ ଯଥାର୍ଥ ମଣିଷ ଭାବରେ ଗଢି ଉଠିବା ପାଇଁ ଆବଶ୍ୟକ ଶିକ୍ଷା, ନା ଅଛି କର୍ମ ସଂସ୍ଥାନ ଏବଂ ସୁସ୍ଥଭାବରେ ମୁଣ୍ଡ ଉଚ୍ଚାକରି ସମ୍ମାନର ସହିତ ବଂଚିରହିବାର ସୁଯୋଗ। ଅନ୍ୟ ପ୍ରତିଟି ପୁଞ୍ଜିବାଦୀ ଦେଶ ଭଳି ଆମ ଦେଶରେ ମଧ୍ୟ ଛାତ୍ର, ଯୁବ ସଂପ୍ରଦାୟ ଶିକ୍ଷା, ଚାକିରି ସହିତ ଅନ୍ୟାନ୍ୟ ଜ୍ୱଳନ୍ତ ସମସ୍ୟା ସମାଧାନ ଦାବିରେ ବାରବାର ଆନ୍ଦୋଳନରେ ସାମିଲ ହେଉଛି, ବେଳେବେଳେ ଜୀବନ ମରଣ ଲଢେଇର ଦିଗକୁ ଅଗ୍ରସର ହେଉଛି। ଦିଲ୍ଲୀ ସୀମାନ୍ତର ଐତିହାସିକ କୃଷକ ଆନ୍ଦୋଳନ ଓ ସଂପ୍ରତି ବାଂଲାଦେଶରେ ଦେଖାଦେଇଥିବା ଛାତ୍ର ଛାତ୍ରୀ ତଥା ଜନସାଧାରଣଙ୍କର ବୀରତ୍ୱପୂର୍ଣ୍ଣ ଲଢେଇ ଶାସକମାନଙ୍କର ବୁକୁରେ କମ୍ପନ ସୃଷ୍ଟି କରିଛି। ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଶାସକମାନେ ଭଲଭାବରେ ବୁଝି ନେଇଛନ୍ତି ଯେ, କିଶୋର ଛାତ୍ର ଓ ଯୁବକମାନଙ୍କୁ ଯଦି ବିପଥଗାମୀ କରାନଯାଏ ତା'ହେଲେ ଆଗାମୀ ଦିନରେ ପୁଞ୍ଜିବାଦୀ ଶୋଷଣ ଅତ୍ୟାଚାର ବିରୁଦ୍ଧରେ ସେମାନେ ବ୍ୟାପକ ସଂଖ୍ୟାରେ ଆଗେଇ ଆସିବେ। ସେଥିପାଇଁ ସ୍ୱାଧୀନତା ଅର୍ଜନ ପରଠାରୁ ହିଁ ସମୟ ଯେତେ ଯାଉଛି ପୁଞ୍ଜିବାଦୀ ଶାସକମାନେ ପତ୍ରପତ୍ରିକା, ଚଳଚିତ୍ର, ବିଜ୍ଞାପନ ଓ ଗଣମାଧ୍ୟମ ଜରିଆରେ ଅଶ୍ଳୀଳତା, ଯୌନତା ଏବଂ ହିଂସ୍ରତାର ପ୍ରଚାର ଓ ପ୍ରସାରକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସେତେ ବେଶୀ ପ୍ରୋତ୍ସାହିତ କରି ଆସୁଛନ୍ତି। ପରବର୍ତ୍ତୀ ସମୟରେ ଟେଲିଭିଜନ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ ମାଧ୍ୟମ ଜରିଆରେ ଅଶ୍ଳୀଳତା ଯୌନତାର ଲଗାମହୀନ ପ୍ରଚାର ପ୍ରସାର ଚାଲିଛି। ଗତ ଶତାବ୍ଦୀର ଶେଷବେଳକୁ ଇଣ୍ଟରନେଟ୍‌ର ବ୍ୟବହାର ଆରମ୍ଭ ହେଲା ଏବଂ ତାର ପରବର୍ତ୍ତୀ କାଳରେ ଏକବିଂଶ ଶତାବ୍ଦୀରେ ଆସିଲା ମୋବାଇଲ ଓ ସ୍ମାର୍ଟ ଫୋନ୍। କରୋନା ମହାମାରୀ ସମୟରେ ଲକ୍‌ଡାଉନ ଚାଲିଥିଲାବେଳେ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟତଃ ସ୍ମାଟ ଫୋନ ବ୍ୟବହାର କରିବାକୁ ବାଧ କରାଗଲା। ଆର୍ଥିକ କ୍ଷମତା ନଥିଲେ ମଧ୍ୟ ନିମ୍ନ ମଧ୍ୟବିତ୍ତ ଓ ସାଧାରଣ ପରିବାରର ଜନସାଧାରଣ ଅତି କଷ୍ଟରେ ସ୍ମାଟ ଫୋନ୍ ଖରିଦକରି ପିଲାମାନଙ୍କୁ ଦେବାକୁ ବାଧ୍ୟ ହେଲେ। ଏହାର ପରିଣତି ଆଜି ମାରାତ୍ମକ ହୋଇଛି। ଲକ୍‌ଡାଉନ ସମୟରେ ପଢାଶୁଣା କରିବାପାଇଁ ସ୍ମାଟ୍‌ଫୋନର ବ୍ୟବହାର ଆବଶ୍ୟକ ଥିଲେ ମଧ୍ୟ କରୋନା ପରିସ୍ଥିତି ପରେ ସ୍ୱାଭାବିକ ଭାବରେ ସ୍କୁଲରେ ପଢାପଢି ଆରମ୍ଭ ହେବାପରେ ମଧ୍ୟ ସ୍ମାଟ ଫୋନର ବ୍ୟବହାର ହ୍ରାସ ପାଇନାହିଁ। ଛୋଟ ପିଲା ଓ କିଶୋର କିଶୋରୀମାନଙ୍କ ମଧ୍ୟରେ ସ୍ମାଟ ଫୋନର ବ୍ୟବହାର ବ୍ୟାପକ ହୋଇଛି। ସ୍ମାର୍ଟ ଫୋନ ମାଧ୍ୟମରେ କିଛି ପ୍ରୟୋଜନୀୟ ଓ ଶିକ୍ଷଣୀୟ ତଥ୍ୟ ସହିତ ହଜାର ହଜାର ପର୍ଣ୍ଣୋଗ୍ରାଫିକ ୱେବସାଇଟ ମଧ୍ୟ ଖୋଲି ଯାଉଛି। ସ୍ମାର୍ଟ ଫୋନ ଜରିଆରେ ଅଶ୍ଳୀଳତା ଓ ନଗ୍ନତାର ବନ୍ୟା ସୃଷ୍ଟି ହୋଇଛି। କିଶୋର, କିଶୋରୀ, ଯୁବକ ଯୁବତୀମାନେ ତା'ର ଶୀକାର ହେଉଛନ୍ତି। ଇଲେକଟ୍ରୋନିକ୍ ମିଡିଆ ଓ ମୋବାଇଲ ମାଧ୍ୟମରେ ନୃଶଂସ ହିଂସା ଓ ଭୟାବହ ହତ୍ୟାକାଣ୍ଡ କିଶୋରମାନେ ଅନାୟାସରେ ଦେଖିପାରୁଛନ୍ତି। ଶିଶୁ କିଶୋରମାନଙ୍କ ମନ ଉପରେ ତା'ର ପ୍ରଭାବ ଅତ୍ୟନ୍ତ ଭୟାବହ ହେଉଛି। ଏହା ପାରିବାରିକ ଓ ସାମାଜିକ ଜୀବନକୁ ବିପନ୍ନ କରୁଛି।

### ନୈତିକତାର ଅବକ୍ଷୟ ମଧ୍ୟରେ ପୁଞ୍ଜିବାଦର ସ୍ୱାର୍ଥ ନିହିତ ରହିଛି

ବଜାର ସଂକଟରେ ନିମଜ୍ଜିତ ପୁଞ୍ଜିବାଦୀ ବ୍ୟବସ୍ଥାରେ ନୂତନ ଶ୍ରମଭିତ୍ତିକ ଶିଳ୍ପାୟନର ସାମର୍ଥ ଆଉ ନାହିଁ। ଆଜି ଦିନରେ କଳକାରଖାନାରେ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ସମ୍ଭବ ନୁହେଁ। ସେଥିପାଇଁ ଆଜି ସର୍ଭିସ ସେକ୍ଟର ବା ବିଭିନ୍ନ ସେବା କ୍ଷେତ୍ରରେ ପୁଞ୍ଜିପତିମାନେ ଅଧିକରୁ ଅଧିକ ପୁଞ୍ଜିବିନିଯୋଗ କରୁଛନ୍ତି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏଥିପାଇଁ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥା କରିଦେଉଛନ୍ତି। ବର୍ତ୍ତମାନ ଅନଲାଇନ୍‌ରେ ସେବା ଯୋଗାଣ ବ୍ୟବସ୍ଥା କମ୍ପାନୀମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ। କରୋନା ସମୟରେ ସମସ୍ତ ବ୍ୟବସାୟ ବାଣିଜ୍ୟ ସଂକଟରେ ପଡିଥିଲାବେଳେ ଏହି ଅନଲାଇନ ସେବା, ମୋବାଇଲ ଓ ଇଣ୍ଟରନେଟ୍‌କୁ ବ୍ୟବହାର କରି ଏ କ୍ଷେତ୍ରରେ ବ୍ୟବସାୟ କରୁଥିବା କମ୍ପାନୀମାନେ ହଜାର ହଜାର କୋଟି ଡଲାର ବାଣିଜ୍ୟ କରିଛନ୍ତି। ଗୁଗୁଲ୍, ମାଇକ୍ରୋସଫ୍ଟ, ଆମାଜନ, ଫ୍ଲିପ୍‌କାର୍ଟ ସମେତ ବିଭିନ୍ନ ମୋବାଇଲ ଓ ନେଟୱାର୍କ ସହିତ ଯୁକ୍ତ ବିଭିନ୍ନ ଦେଶୀୟ ଓ ବହୁ ଜାତୀୟ ସଂସ୍ଥା ଏହି ଧରଣର ମୁନାଫା ଅର୍ଜନ କରିଛନ୍ତି। କେବଳ ଏହି ଧରଣର ବ୍ୟବସାୟ ନୁହେଁ, ସମଗ୍ର ପୃଥିବୀରେ ଅନଲାଇନ୍‌କୁ ଭିତ୍ତିକରି ହଜାର ହଜାର କୋଟି ଡଲାରର ପର୍ଣ୍ଣୋଗ୍ରାଫି ବ୍ୟବସାୟ ମଧ୍ୟ ଚାଲିଛି। ଏହା ସହିତ ସରକାରୀ ପ୍ରୋତ୍ସାହନରେ ସମଗ୍ର ଦେଶରେ ମଦ ଓ ମାଦକ ଦ୍ରବ୍ୟର ବ୍ୟାପକ ପ୍ରସାର, ଅଶ୍ଳୀଳତା, ହିଂସା ଓ ପର୍ଣ୍ଣୋଗ୍ରାଫିର ବ୍ୟାପକ ପ୍ରସାର ଚାଲିଛି। ଯାହା ଶିଶୁ, କିଶୋର ଓ ଯୁବ ସମାଜକୁ ବିପଥଗାମୀ ଏବଂ ଚୂଡାନ୍ତ ଯୌନ ବିକୃତିର ଶୀକାର କରୁଛି। ଏହାଫଳରେ ନାରୀ, ଶିଶୁ ଧର୍ଷଣ, ଗଣ ଧର୍ଷଣ ବଢି ଚାଲିଛି ଏବଂ ଏହି ସବୁ ବିଭତ୍ସ କାଣ୍ଡକୁ ଲୁଚାଇବାକୁ ଯାଇ ପୀଡିତାଙ୍କୁ ହତ୍ୟା କରାଯାଉଛି। ଏହା ଏକ ଭୟାବହ ସାମାଜିକ ସମସ୍ୟାରେ ପରିଣତ ହୋଇଛି। ସଂପ୍ରତି ଘଟିଯାଇଥିବା ଏବଂ ଘଟୁଥିବା ହୃଦୟବିଦାରକ ଘଟଣାବଳୀ ଏହି ସାମାଜିକ ବ୍ୟାଧିର ଉପସର୍ଗ। ସଂବାଦପତ୍ର ମାନଙ୍କରେ ପ୍ରକାଶିତ ଖବର ଅନୁଯାୟୀ ଆରଜି କର ମେଡିକାଲ କଲେଜରେ ଘଟିଥିବା ପୈଶାଚିକ କାଣ୍ଡର ଦେଶବ୍ୟାପୀ ପ୍ରତିବାଦ ଚାଲିଥିଲେ ମଧ୍ୟ ଇତି ମଧ୍ୟରେ ୩୦୦ରୁ ଅଧିକ ମହିଳା ଧର୍ଷଣର ଶୀକାର ହୋଇଛନ୍ତି।

### ଏସବୁ ବନ୍ଦ କରିବା କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ଉଦାସୀନ

ଏ କ୍ଷେତ୍ରରେ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାର ମାନଙ୍କ ଆଭିମୁଖ୍ୟ ଅତ୍ୟନ୍ତ ନିନ୍ଦନୀୟ। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ବୋଲି ଦାବି କରାଯାଉଥିବା ଭାରତବର୍ଷରେ ସରକାର ମାନଙ୍କ ନୀତି ବିରୁଦ୍ଧରେ ନିଜର ମତବ୍ୟକ୍ତ କରୁଥିବା ଲୋକଙ୍କୁ ରାଷ୍ଟ୍ର ବିରୋଧୀ ଆଖ୍ୟା ଦେଇ ନାନାଦି ଆଳରେ ଜେଲରେ ଭର୍ତ୍ତି କରିଦିଆଯାଉଛି। ବର୍ଷ ପରେ ବର୍ଷ ବିନା ବିଚାରରେ ସେମାନଙ୍କୁ ଜେଲରେ ଅଟକ ରଖାଯାଉଛି। ଏହିଭଳି ଭାବରେ ନାଗରିକ ସମାଜର ସଦସ୍ୟ, ମାନବାଧିକାର କର୍ମକର୍ତ୍ତା, ଏପରିକି ସାମ୍ବାଦିକମାନଙ୍କୁ ମଧ୍ୟ ଜେଲରେ ଭର୍ତ୍ତି କରାଯାଉଛି। ଇଣ୍ଟରନେଟ ସହାୟତାରେ ଚାଲିଥିବା ଶହ ଶହ ସଂବାଦ ସରବରାହ ପୋର୍ଟାଲକୁ ହାସ୍ୟାସ୍ପଦ କାରଣ ଦେଖାଇ ବନ୍ଦ କରିଦିଆଯାଉଛି। ମାତ୍ର ପର୍ଣ୍ଣୋଗ୍ରାଫି ବନ୍ଦ କରିବାପାଇଁ ସରକାର କୌଣସି ଉଦ୍ୟମ ଗ୍ରହଣ କରୁନାହାନ୍ତି। ଯୁବସମାଜକୁ ଯୌନ ଦାସରେ ପରିଣତ କରିବା ପାଇଁ ହିଁ ସରକାର ଏସବୁକୁ ବନ୍ଦ କରିବା ଦୂରେ ଥାଉ, ପ୍ରୋତ୍ସାହିତ କରୁଛନ୍ତି। ସାହିତ୍ୟିକ ଶରତଚନ୍ଦ୍ର ପ୍ରସିଦ୍ଧ ଶ୍ରୀକାନ୍ତ ଉପନ୍ୟାସରେ ଯଥାର୍ଥରେ ହିଁ ଉଲ୍ଲେଖ କରିଛନ୍ତି "ଶାସକଶ୍ରେଣୀ ଆଜି ଖୁବ୍ ଭଲଭାବରେ ବୁଝିଯାଇଛି ଯେ, ମଣିଷକୁ ଯଦି ପଶୁରେ ପରିଣତ କରାନଯାଏ ତା'ହେଲେ ଏମାନଙ୍କ ଦ୍ୱାରା ପଶୁର କାମ ଆଦାୟ କରିବା ସମ୍ଭବ ନୁହେଁ। ସେଥିପାଇଁ ସର୍ବପ୍ରଥମ ଏମାନଙ୍କୁ ପଶୁରେ ପରିଣତ କରାଯାଉଛି।"

ଏହି ପ୍ରସଙ୍ଗରେ ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କର ବକ୍ତବ୍ୟ ସ୍ମରଣୀୟ। ଏହି ବିପଦ ସଂପର୍କରେ ଦେଶର ଜନସାଧାରଣଙ୍କୁ ସଚେତନ କରିଦେଇ କମ୍ରେଡ ଘୋଷ କହିଥିଲେ, ଦେଶର ଏହି ପୁଞ୍ଜିବାଦୀ ଶାସକ ଶ୍ରେଣୀ କିଶୋର, ଛାତ୍ର, ଯୁବକ ଓ ସାଧାରଣ ଲୋକଙ୍କର ନୀତି ନୈତିକତା, ସଂସ୍କୃତି, ମୂଲ୍ୟବୋଧ ଓ ମନୁଷ୍ୟତ୍ୱକୁ ଧ୍ୱଂସ କରିବାର ଷଡଯନ୍ତ୍ରରେ ଲିପ୍ତ। ମୂଲ୍ୟବୋଧର ଅବକ୍ଷୟ ସଂପର୍କରେ କହିବାକୁ ଯାଇ ବିଭିନ୍ନ ଆଲୋଚନାରେ ସେ କହିଛନ୍ତି, ପୁରୁଣା ଧର୍ମୀୟ ମୂଲ୍ୟବୋଧ ତାର କାର୍ଯ୍ୟକାରିତା ହରାଇଛି। ନୂତନ ମାର୍କ୍ସବାଦୀ ଆଦର୍ଶ ଆଜିବି ସମାଜରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିପାରିନାହିଁ। ଏହା ଫଳରେ ଆଦର୍ଶବାଦ କ୍ଷେତ୍ରରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି- ତାହାହିଁ ନୈତିକ ଅବକ୍ଷୟ ପାଇଁ ଦାୟୀ। ତାଙ୍କର ମୂଲ୍ୟବାନ ଶିକ୍ଷାକୁ ଆଗରେ ରଖି ହିଁ ଏସ୍‌ୟୁସିଆଇ(ସି)ର ବର୍ତ୍ତମାନର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଗଭୀର ଉଦ୍‌ବେଗର ସହିତ କହିଛନ୍ତି, ଆଜିର ଶିଶୁ ଓ କିଶୋରମାନେ ଆଗାମୀ ଦିନରେ ଦେଶର ଓ ଜାତିର ଭବିଷ୍ୟତ। ଏମାନେ ଯଦି ନଷ୍ଟ ହୋଇଯାନ୍ତି, ଶୈଶବରେ ହିଁ ବିକୃତ ଯୌନତାର ଶୀକାର ହୋଇଯାନ୍ତି, ମଦ ଓ ଡ୍ରଗ୍‌ସ ନିଶାର ଶୀକାର ହୋଇଯାନ୍ତି, ତା'ହେଲେ ସମଗ୍ର ଦେଶର ପରିବାର ଗୁଡିକ ଓ ସମାଜ ବିପନ୍ନ ହେବ। ଭବିଷ୍ୟତ ପ୍ରଜନ୍ମ ଯଦି ନଷ୍ଟ ହୋଇଯାଏ, ତା'ହେଲେ ସମାଜ ବିପ୍ଳବ କିଭଳି ସଂଗଠିତ ହେବ ? ସେଥିପାଇଁ ସେ ଦଳର ସମସ୍ତ ସ୍ତରର ନେତା ଓ କର୍ମୀ ତଥା ସାଧାରଣ ଲୋକଙ୍କୁ ବିଶେଷକରି ଅଭିଭାବକମାନଙ୍କୁ ଆବେଦନ କରିଛନ୍ତି। ଶିଶୁ, କିଶୋର ମାନଙ୍କ ମଧ୍ୟରେ ମନୁଷ୍ୟତ୍ୱ, ନୈତିକତା ରକ୍ଷା କରିବାପାଇଁ ଦେଶର ମହାମନିଷୀମାନଙ୍କର ଜୀବନ ସଂପର୍କରେ ଚର୍ଚ୍ଚା କରିବା ଏବଂ ସେମାନଙ୍କୁ ଶାରୀରିକ ଓ ମାନସିକ ଭାବରେ ବିକଶିତ କରିବାପାଇଁ ଶରୀରଚର୍ଚ୍ଚା କରିବାପାଇଁ ସେ ଅଭିଭାବକମାନଙ୍କୁ ନିବେଦନ କରିଛନ୍ତି। ଏହି ଆହ୍ୱାନକୁ ଯଦି ଏକ ସାମାଜିକ ଆନ୍ଦୋଳନରେ ପରିଣତ କରାନଯାଏ ଏବଂ ମରୁଣମୁଖୀ ପଚମାନ ପୁଞ୍ଜିବାଦୀ ବ୍ୟବସ୍ଥା ସମାଜରେ ଅଶ୍ଳୀଳତା, ଅପସଂସ୍କୃତିର ଯେଉଁ ସ୍ରୋତ ପ୍ରବାହିତ କରୁଛି ତାକୁ ପ୍ରତିହତ କରି ସମାଜରେ ଉଚ୍ଚ ନୀତି ନୈତିକତା ଓ ସଂସ୍କୃତିର ଏକ ପ୍ରତିସ୍ରୋତ ସୃଷ୍ଟି କରାନଯାଏ, ତା'ହେଲେ ସାମାଜିକ ନୈତିକତା ଗଢିଉଠିବା ସମ୍ଭବ ନୁହେଁ। ଏହିଭଳି ଏକ ସାମାଜିକ-ସାଂସ୍କୃତିକ ଆନ୍ଦୋଳନକୁ ବାଦଦେଇ ସମାଜରେ ନାରୀର ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ସମ୍ଭବ ନୁହେଁ। ★★★






# ଏଆଇଏମ୍ଏସ୍ଏସ୍ ପକ୍ଷରୁ 'ସାରା ଓଡିଶା ଦାବି ସପ୍ତାହ' ଓ କଲିକତା ଡାକ୍ତରୀ ଛାତ୍ରୀଙ୍କ ଧର୍ଷଣ ଓ ହତ୍ୟା ପ୍ରତିବାଦରେ

## ରାଜ୍ୟବ୍ୟାପୀ ଆନ୍ଦୋଳନ





ଏଆଇଏମ୍ଏସ୍ଏସ୍ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମଦ-ମାଦକ ଦ୍ରବ୍ୟକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ଏବଂ ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା ଦାବିରେ ଅଗଷ୍ଟ ୧୬ରୁ ୨୨ ଦାବି ସପ୍ତାହ ଭାବରେ ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା ଏବଂ ଏହି ଦାବିରେ ସମଗ୍ର ରାଜ୍ୟରେ ଦସ୍ତଖତ ସଂଗ୍ରହ ଚାଲିଥିଲା। ଏହି ସମୟରେ ଅଗଷ୍ଟ ୯ ତାରିଖ ମଧ୍ୟ ରାତ୍ରୀରେ କଲିକତା ଆର.ଜି.କର ମେଡିକାଲ କଲେଜରେ ଜନୈକା ଡାକ୍ତରୀ ଛାତ୍ରୀଙ୍କ ଉପରେ ପାଶବିକ ଅତ୍ୟାଚାର ଓ ନୃଶଂସ ହତ୍ୟା ଘଟଣା ଘଟିଥିଲା। ଅଗଷ୍ଟ ୧୧ ତାରିଖରେ କଟକ ଏସ୍‌ସିବି ମେଡିକାଲ କଲେଜର ୨ଜଣ ମହିଳା ରୋଗୀଙ୍କ ଉପରେ ଦୁଷ୍କର୍ମ ଖବର ମଧ୍ୟ ଗଣମାଧ୍ୟମରେ ଆସିଥିଲା। ଏହି ପରିସ୍ଥିତିରେ ଦାବି ସପ୍ତାହ ପାଳନ ସହିତ ସଂଗଠନ ପକ୍ଷରୁ ଦାବି ସପ୍ତାହର ୨ଟି ଦାବି ସହିତ ଡାକ୍ତରୀ ଛାତ୍ରୀଙ୍କ ଧର୍ଷଣ ଓ ହତ୍ୟାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା, ମହିଳା ରୋଗୀଙ୍କ ଦୁଷ୍କର୍ମକାରୀ ଡାକ୍ତରକୁ କଠୋର ଦଣ୍ଡ ବିଧାନ କରିବା ଏବଂ ନାରୀ ଓ ଶିଶୁ ମାନଙ୍କ ଉପରେ ବଢିଚାଲିଥିବା ଅତ୍ୟାଚାରର ମୂଳ କାରଣ ଅଶ୍ଳୀଳତା-ନଗ୍ନତା-ଅଶ୍ଳୀଳୱେବ ସାଇଟ୍-ପର୍ଣ୍ଣୋଗ୍ରାଫି-ମଦ, ମାଦକ ଦ୍ରବ୍ୟ ଓ ଡ୍ରଗ୍ସର ପ୍ରସାରକୁ ସଂପୂର୍ଣ୍ଣ ବନ୍ଦ କରିବା ଦାବିରେ ସମଗ୍ର ରାଜ୍ୟରେ ଆନ୍ଦୋଳନ ସଂଗଠିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ଆନ୍ଦୋଳନର ଫଟୋ ଏଠାରେ ସ୍ଥାନିତ କରାଯାଇଛି।
















*ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଦାବି ଦିବସ ପାଳନ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଗଠିତ ବିକ୍ଷୋଭର ଫଟୋ ଚିତ୍ର।*

# ବିଧାନ ସଭା ସମ୍ମୁଖରେ ପାଚିକା-ସହାୟିକାମାନଙ୍କ ବିକ୍ଷୋଭ

ଅଗଷ୍ଟ ୨୨ତାରିଖରେ ବିଧାନସଭା ସମ୍ମୁଖରେ ପାଚିକା- ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାଚିକା-ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ମଜୁରୀ ୨୮ ହଜାର ଟଙ୍କା, ବର୍ଷରେ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଅବସର ବୟସ ସୀମା ୬୫ ବର୍ଷ କରିବା, ଅବସରକାଳୀନ ଆର୍ଥିକ ସହାୟତା ୨ ଲକ୍ଷ ଟଙ୍କା ପ୍ରଦାନ, ୨୪ ମାସର ବର୍ଦ୍ଧିତ ବକେୟା ଓ ୨୦୨୨ ମସିହା ମଇ, ଜୁନ୍ ମାସର ପାରିଶ୍ରମିକ ସମେତ ସମସ୍ତ ବକେୟା ପ୍ରାପ୍ୟ ଅବିଳମ୍ବେ ପ୍ରଦାନ କରିବା ଆଦି ୧୫ ଦଫା ଦାବି ସମ୍ବଳିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତିନିଧିମଣ୍ଡଳୀ ମଧ୍ୟାହ୍ନ ଭୋଜନ ଉପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ କମ୍ରେଡ୍ ବିଷ୍ଣୁ ଦାସ, ଜୟସେନ ମେହେର, ରାଜକିଶୋର ମଲ୍ଲିକ, ନିରଞ୍ଜନ ମହାନ୍ତି ଓ ଇତିଶ୍ରୀ ଜେନା ପ୍ରମୁଖ ବକ୍ତବ୍ୟ ରଖି ପାଚିକା-ସହାୟିକା ମାନଙ୍କର ଦାବି ପୂରଣ କରିବାକୁ ଆହ୍ୱାନ ଦେଇଥିଲେ।



## ଡାକ୍ତରୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଓ ହତ୍ୟା ତଥା କଟକ ବଡ ମେଡିକାଲ କଲେଜରେ ମହିଳାଙ୍କୁ ଯୌନ ନିର୍ଯାତନା ଛାତ୍ର, ଯୁବ ଏବଂ ମହିଳା ସଂଗଠନ ପକ୍ଷରୁ ବିକ୍ଷୋଭ




ଅଗଷ୍ଟ ୧୭ ତାରିଖଦିନ ଉଦିତ ନଗରସ୍ଥିତ ଆମ୍ବେଦକର ଛକଠାରେ ଅଲଇଣ୍ଡିଆ ଡିଏସ୍‌ଓ, ଡିଓ୍ୱାଇଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଲଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସଂପାଦିକା କମ୍ରେଡ୍ ଛବି ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ୟୁସିଆଇ(ସି)ସୁନ୍ଦରଗଡ ଜିଲ୍ଲା ସଂପାଦକ କମ୍ରେଡ୍ ଅଜିତ ନାଏକ, ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ମାର୍କଣ୍ଡ ଦାସ, କ୍ଷେତ୍ରବାସୀ ସେଠୀ, ଏମ୍‌ଏସ୍‌ଏସ୍ ଜିଲ୍ଲା ସଂପାଦିକ ବିଦ୍ୟୁତ ମହାନ୍ତ, ଗୀତାଞ୍ଜଳୀ ମହାନ୍ତି, କବିତା ମହାନ୍ତି, ପ୍ରତିଭା ଦଣ୍ଡପାଟ, ଅସୀମା ବେଉରା, ଓ୍ୱାହିଦା ବେଗମ, ତଅପୋଇ ମଲ୍ଲିକ, ଡିଓ୍ୱାଇଓ ଜିଲ୍ଲା ସଂପାଦକ କମ୍ରେଡ୍ ଶେଖ ଇସ୍‌ଲାମ, ସୁବାଷ ଦଣ୍ଡପାଟ, ଆଲୋକ ବେହେରା, ରଶ୍ମି ମଲ୍ଲିକ, ତପନ ନାଏକ ପ୍ରମୁଖଙ୍କ ସହିତ ବହୁ ଛାତ୍ର, ଯୁବକ ଏବଂ ମହିଳା ସ୍ୱତଃସ୍ଫୁର୍ତ୍ତ ଭାବରେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## କର୍ମସ୍ଥଳୀରେ ଥଇଥାନ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ କଟକ ମହାନଗର ନିଗମ ସମ୍ମୁଖରେ ବିକ୍ଷୋଭ




କଟକ ପ୍ରେସ୍ ଛକ ତେଲୁଗୁ ବସ୍ତି ବାସିନ୍ଦାଙ୍କୁ କର୍ମସ୍ଥଳୀରେ ଥଇଥାନ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମସି ଅଫିସ ସମ୍ମୁଖରେ ଅଗଷ୍ଟ ୧୩ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ବସ୍ତି ନେତା ଦୀପକ ଦାସ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ଉମେଶ ଦାସ, ହେମନ୍ତ ଦାସ, ଜି. ଲଳିତା, ସିମା ଦାସ, ପି. ସିମାନ୍ଦ୍ରି ରାଓ ଜେ. ମୁନା ରାଓ, ପି. ତ୍ରୀନାଥ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଆର ଜି କର ମେଡିକାଲ ଡାକ୍ତରୀ ଛାତ୍ରୀଙ୍କ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଡି.ଓ୍ୱାଇ.ଓ. ପକ୍ଷରୁ ପ୍ରତିବାଦ ସଭା




କଲିକତାର ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କାର୍ଯ୍ୟରତ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ସାରାଦେଶ ତଥା ବିଦେଶର ଶୁଭବୁଦ୍ଧି ସମ୍ପନ୍ନ ଜନଗଣଙ୍କ ହୃଦୟତନ୍ତ୍ରୀକୁ ଦୋହଲାଇ ଦେଇଛି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧୮ ତାରିଖ ଅପରାହ୍ନରେ ଅଲ୍ ଇଣ୍ଡିଆ ଡି.ଓ୍ୱାଇ.ଓ. ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ସ୍ଥାନୀୟ ରାଜାଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା ସମ୍ପାଦକ କମ୍ରେଡ୍ କୈଳାସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସମ୍ପାଦକ କମ୍ରେଡ୍ କେଦାରନାଥ ସାହୁ, ସଭାପତି ମାନସ ପାଳ ଉପସ୍ଥିତ ରହି ବକ୍ତବ୍ୟ ଦେବା ସହିତ ସଂଗଠନର ଜିଲ୍ଲା ସଭାପତି କମ୍ରେଡ୍ ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା, ଦୁଃଖବନ୍ଧୁ ବେହେରା, ଉଲ୍ଲାସ ମୁଦୁଲି ପ୍ରମୁଖ ସାମିଲ ଥିଲେ।










## କଲିକତାସ୍ଥିତ ଆର.ଜି.କର ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଛାତ୍ରୀଙ୍କ ଧର୍ଷଣ ଓ ହତ୍ୟା ପ୍ରତିବାଦରେ

## ଏଆଇଡିଏସଓର ରାଜ୍ୟବ୍ୟାପୀ ପ୍ରତିବାଦ

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ(AIDSO) ରାଜ୍ୟ ପରିଷଦ ତରଫରୁ କଲିକତାର ଆର ଜି କର ମେଡିକାଲ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରୀ ଛାତ୍ରୀଙ୍କୁ ଗଣ ଧର୍ଷଣ ଓ ହତ୍ୟା ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ, ଶୋଭାଯାତ୍ରା, କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି। ଏମ୍‌କେସିଜି, ବ୍ରହ୍ମପୁରଠାରେ ଚାଲିଥିବା ଡାକ୍ତର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ରାଜ୍ୟ ସଭାପତି ସୋମନାଥ ବେହେରା ସଂହତି ଜ୍ଞାପନ କରିଛନ୍ତି ଓ ସେହି ବିକ୍ଷୋଭ ସ୍ଥଳରେ ଏଆଇଡିଏସ୍‌ଓ ଉଦ୍ୟୋଗରେ ଏକ ନାଟକ ଅନୁଷ୍ଠିତ ହେଇଯାଇଛି। ସେହିଭଳି କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଓ ହାସପାତାଳ ଠାରେ ଚାଲିଥିବା ଆନ୍ଦୋଳନ, ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚାଲିଥିବା ଆନ୍ଦୋଳନ ଓ ବାଲେଶ୍ୱର ମେଡିକାଲ କଲେଜରେ ଚାଲିଥିବା ଆନ୍ଦୋଳନକୁ ରାଜ୍ୟ ପରିଷଦ ତରଫରୁ ସଂହତି ଜ୍ଞାପନ କରାଯାଇଛି। ଏହି ବର୍ବରୋଚିତ ଘଟଣାରେ ସଂପୃକ୍ତ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ତଥା ଛାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ୟୁଏନ କଲେଜ ସୋରୋ, ରେଭେନ୍ସା ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ, ଅନୁଗୋଳ ସରକାରୀ ମହା ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ହଷ୍ଟେଲ, ଭି ଏନ୍ କଲେଜ , ଏନ୍ ସି କଲେଜ ଯାଜପୁର, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ଧର୍ମଶାଳା ମହିଳା ମହାବିଦ୍ୟାଳୟ,ବାବା ଭୈରବାନନ୍ଦ ଅଟୋନୋମସ କଲେଜ ଚଣ୍ଡିଖୋଲ, ବଲାଙ୍ଗୀର ସରକାରୀ ମହା ବିଦ୍ୟାଳୟ, ଖଇରା ମହାବିଦ୍ୟାଳୟ ବାଲେଶ୍ୱର, ସୁଶୀଳାବତୀ ମହିଳା ମହାବିଦ୍ୟାଳୟ, ଇଭିନିଂ କଲେଜ ରାଉରକେଲା, କୋରାପୁଟ ଜୟପୁର, କଣିହାଁ ଅନୁଗୋଳ ସମେତ ବହୁ ଶିକ୍ଷାନୁଷ୍ଠାନରେ ପ୍ରତିବାଦ ଶୋଭାଯାତ୍ରା ହେଇଯାଇଛି। ଭୁବନେଶ୍ୱର ଓୟୁଏଟି ୟୁନିଭରସିଟି ଏବଂ ଆରଆଇଏଚଏସ୍ କଲେଜ, ଭୋଗରାଇଠାରେ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି।

















## ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ର ବାଲିଅନ୍ତା ବ୍ଲକ ସ୍ତରୀୟ ସମ୍ମିଳନୀ

ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ବାଲିଅନ୍ତା ବ୍ଲକ ସ୍ତରୀୟ ପାଚିକା ସହାୟିକା ସମ୍ମିଳନୀ ଅଗଷ୍ଟ ୧୫ ତାରିଖ ଦିନ ବାଲିଅନ୍ତା ହାଟ ଠାରେ ଅନୁଷ୍ଠିତ ହୋଇଯାଇଅଛି। କମ୍ରେଡ ନିରଞ୍ଜନ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ କମ୍ରେଡ ଜୟସେନ ମେହେର ମୁଖ୍ୟ ବକ୍ତା, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ରାଜ କିଶୋର ମଲ୍ଲିକ ଏବଂ ପାଚିକା ସଂଗଠକ ଶ୍ରୀଯୁକ୍ତ ଜଗନ୍ନାଥ ରାୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ସସ୍ମିତା ସ୍ୱାଇଁ ସଭାନେତ୍ରୀ, ମିତାରାଣୀ ସାହୁ ଉପ ସଭାନେତ୍ରୀ ଏବଂ ନିରୁପମା ମହାନ୍ତି ସମ୍ପାଦିକାଙ୍କ ସମେତ ୧୬ଜଣିଆ ବାଲିଅନ୍ତା ବ୍ଲକ କମିଟି ନିର୍ବାଚିତ ହୋଇଥିଲା।




## କମ୍ରେଡ୍ ଜୁଲିଏସ ଏକ୍କାଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା ସିଭିଲ ଟାଉନ୍‌ସିପ ଲୋକାଲ କମିଟିର ଆବେଦନକାରୀ ସଦସ୍ୟ କମ୍ରେଡ଼ ଜୁଲିଏସ ଏକ୍କା ଅଗଷ୍ଟ ୮ ତାରିଖରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା।

କମ୍ରେଡ ଜୁଲିଅସ ଏକ୍କା ମ୍ୟାଟ୍ରିକ ପାସ କରି ୧୯୮୦ ମସିହାରେ ରାଉରକେଲାରେ ଆସି ସାନ୍ଧ୍ୟ କଲେଜରେ ଅଧ୍ୟୟନ କରୁଥିବା ବେଳେ କମ୍ରେଡ଼ ଚନ୍ଦ୍ରମଣି ଜୟପୁରିଆଙ୍କ ଜରିଆରେ ପାର୍ଟି ସଂସ୍ପର୍ଶରେ ଆସିଥିଲେ। ସେହି ଦିନ ଠାରୁ ସେ ପାର୍ଟିର ବିଭିନ୍ନ କାର୍ଯ୍ୟକ୍ରମରେ ନିୟମିତ ଭାଗନେଇ ନିଜର ଶ୍ରେଣୀ ଚେତନାକୁ ଉନ୍ନତ କରିଥିଲେ। ସେ ୧୯୮୫ ମସିହାରେ ପାର୍ଟିର ଐତିହାସିକ ଦିଲ୍ଲୀ ଅଭିଯାନରେ ଯୋଗଦେଇ ପାର୍ଟି ସହିତ ଆହୁରି ଘନିଷ୍ଠ ହୋଇଥିଲେ। ସେ ଜଣେ ବିନୟୀ କମ୍ରେଡ଼ ଥିଲେ। ତାଙ୍କରି ପ୍ରଚେଷ୍ଟା ଫଳରେ ତାଙ୍କ ପରିବାର ର ସମସ୍ତ ସଦସ୍ୟ ପାର୍ଟି ସହିତ ଘନିଷ୍ଟ ଭାବେ ଯୁକ୍ତ ହୋଇଛନ୍ତି। ତାଙ୍କ ସ୍ତ୍ରୀ କମ୍ରେଡ ହେମନ୍ତି ଏକ୍କା ବର୍ତ୍ତମାନ ପାର୍ଟିର ଜିଲ୍ଲା କମିଟି ର ସଦସ୍ୟ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ କମ୍ରେଡ ମାନେ ତାଙ୍କର ରାଉରକେଲା ସ୍ଥିତ ବାସଭବନରେ ପହଂଚିଥିଲେ ଏବଂ ତାଙ୍କ ମର ଶରୀରକୁ ରାଉରକେଲା ଡେଲିମାର୍କେଟ ସ୍ଥିତ ପାର୍ଟି ଅଫିସକୁ ଅଣାଯାଇ ଅନ୍ତିମ ବିପ୍ଳବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ କମ୍ରେଡ ଅଜିତ ନାୟକ, ବରିଷ୍ଠ ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ଶ୍ରୀନିବାସ ସେଠୀ, ବସନ୍ତ ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ ବିଷ୍ଣୁ ପଣ୍ଡା, ବିଜୟ ସାହୁ, ହିମାଂଶୁ ସ୍ୱାଇଁ, ଦିବାକର ପାଣିଗ୍ରାହୀ, ଆଲୋକ ବେହେରା, ସୁବାସ ଦଣ୍ଡପାଟ, ଶେଖ ଇସ୍‌ଲାମଙ୍କ ସମେତ ତାଙ୍କ ପତ୍ନୀ କମ୍ରେଡ ହେମନ୍ତି ଏକ୍କା, ଝିଅ ଜୟନ୍ତୀ, ପୁଅ ପ୍ରକାଶ ଓ ସାନ ଝିଅ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।

କମ୍ରେଡ଼ ଜୁଲିଏସ ଏକ୍କା
**ଲାଲ ସଲାମ**

## ବାଙ୍ଗଲାଦେଶର . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହାର ନାମ 'ଆୟନାଘର'। ଏହି ଘରକୁ ଆଲୋକ ବତାସ ପ୍ରବେଶ କରେ ନାହିଁ। ଅନ୍ଧାର ଘର। ଏହି ଘରେ ହେଉଥିଲା ନିର୍ମମ ଅତ୍ୟାଚାର। ପଶୁ ଭଳି ବ୍ୟବହାର କରାଯାଉଥିଲା, ଅଖାଦ୍ୟ ଦିଆ ଯାଉଥିଲା। ଏହି ଘରେ କେହି ଆଠବର୍ଷ ତ କେହି ଦଶ ବର୍ଷ ବନ୍ଦୀ ଥିଲେ।

ଏସବୁ ଲାଞ୍ଛନା ପାଇବା ପାଇଁ ସରକାର ବିରୋଧୀ ଖୁବ ବଡ ନେତା ହେବା ଦରକାର ନଥିଲା। ସରକାର ବିରୁଦ୍ଧରେ କାର୍ଟୁନ ଆଙ୍କି କିଶୋର ବୟସର ପିଲା ବି ଗିରଫ ହୋଇଛି। ଫେସବୁକ୍‌ରେ ଲେଖି ଗିରଫ ହୋଇଥିବା ମୁସ୍ତାକ ତ ଆଉ ଫେରିଲା ନାହିଁ, ଜେଲରେ ହିଁ ମରିଗଲା। ଏସବୁ ସାଧାରଣ ଘଟଣା ହୋଇଯାଇଥିଲା। ଦେଶରେ ସରକାର ବିରୋଧୀ କାର୍ଟୁନ, ଲେଖା, ସମାଲୋଚନା ପ୍ରାୟ ନିଷିଦ୍ଧ ହୋଇଯାଇଥିଲା। ଦେଶଟି ଯେମିତି ହୋଇପଡିଥିଲା ଏକ ମୃତ୍ୟୁର ଉପତ୍ୟକା। ଛାତ୍ର-ଜନତାଙ୍କ ଏହି ଐତିହାସିକ ଅଭ୍ୟୁତ୍ଥାନରେ ଲୋକଙ୍କର ତୀବ୍ର କ୍ଷୋଭ ଫାଟି ପଡିଥିଲା। ଆଉ ଏହି କାରଣରୁ ହିଁ ଆୱାମୀ ଲିଗର ପତନ ପରେ, ସମସ୍ତେ ଦୀର୍ଘଶ୍ୱାସ ଛାଡି କହୁଛନ୍ତି, 'ସ୍ୱାଧୀନ'।

### ଗଣ ଅଭ୍ୟୁତ୍‌ଥାନର ପୃଷ୍ଠଭୂମି

ସରକାରୀ ଚାକିରୀରେ ୩୦ଶତାଂଶ ମୁକ୍ତି ଯୋଦ୍ଧା କୋଟା ପୁନଃପ୍ରଚଳନ ପ୍ରତିବାଦରେ ଏହି ଅଭ୍ୟୁତ୍‌ଥାନ ଆରମ୍ଭ ହୋଇଥିଲା। ମୁକ୍ତି ଯୋଦ୍ଧାମାନେ ସେମାନଙ୍କ ବଳୀଦାନ ଓ ଆତ୍ମତ୍ୟାଗ ଯୋଗୁ ଦେଶର ଜନଗଣଙ୍କ ହୃଦୟରେ ଶ୍ରଦ୍ଧାର ଆସନରେ ଅଧିଷ୍ଠିତ। ମାତ୍ର ପ୍ରଶ୍ନ ଉଠିଛି, ସ୍ୱାଧୀନତାର ଏତେ ବର୍ଷ ପରେ ବି ସେମାନଙ୍କର ସନ୍ତାନ-ସନ୍ତତି ଖାଲି ନୁହଁନ୍ତି, ସେମାନଙ୍କ ନାତି-ଅଣନାତିମାନଙ୍କ ପାଇଁ ଏହି କୋଟା କେତେଦୂର ଯୁକ୍ତିସଂଗତ ? ୩୦ଶତାଂଶ ମୁକ୍ତିଯୋଦ୍ଧା କୋଟା ସମେତ ୫୬ ଶତାଂଶ ନିଯୁକ୍ତି ଏହି କୋଟା ଭିତ୍ତିରେ ହେଉଥିଲା। ଆଉ ଏପଟେ ଦେଶବ୍ୟାପୀ ତୀବ୍ର ବେକାର ସଂକଟ ବଢି ବଢି ଚାଲୁଥିଲା। ଦେଶର ବର୍ତ୍ତମାନ ଶିକ୍ଷିତ-ଅଶିକ୍ଷିତ ମିଶି ପ୍ରାୟ ୩କୋଟି ବେକାର। ଖୋଦ ସରକାରୀ ହିସାବ ଅନୁଯାୟୀ ଉଚ୍ଚ ଶିକ୍ଷିତ ବେକାରଙ୍କ ସଂଖ୍ୟା ୮ଲକ୍ଷ। ବିଶେଷଜ୍ଞମାନଙ୍କ ମତରେ, ଏହି ସଂଖ୍ୟା ଆହୁରି ଅଧିକ। ବିଆରଡିଏସ୍(BRDS)ର ଏକ ଗବେଷଣାରୁ ପ୍ରକାଶ, ଜାତୀୟ ବିଶ୍ୱବିଦ୍ୟାଳୟରୁ ପାଶ କରୁଥିବା ସ୍ନାତକ ବା ସ୍ନାତକୋତ୍ତର ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୪୮ଶତାଂଶ ବେକାର। ପ୍ରତି ବର୍ଷ ଏକ ବିରାଟ ସଂଖ୍ୟକ ଛାତ୍ରଛାତ୍ରୀ ପାଠ ପଢା ଶେଷ କରି ଶ୍ରମ ବଜାରରେ ପ୍ରବେଶ କରୁଛନ୍ତି। ମାତ୍ର ସେହି ତୁଳନାରେ ଚାକିରୀ ସୀମିତ। ବେକାରୀତ୍ୱର ଗ୍ଲାନିରେ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟର ବହୁ ହତାଶାଗ୍ରସ୍ତ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। କଙ୍କାଳସମ ଦେହ ନେଇ ହାଡଭଙ୍ଗା ପରିଶ୍ରମ କରୁଥିବା ପିତାମାତାଙ୍କ ରକ୍ତସମ ସାମାନ୍ୟ ଅର୍ଥ ଓ ଟିଉସନ ପଇସାକୁ ସମ୍ବଳ କରି, ଅଟ୍ଟାଳିକାର ବାରଣ୍ଡା ଉପରେ, ମସଜିଦ୍‌ରେ କୌଣସି ପ୍ରକାର ରାତି କଟାଇ ଅସମ୍ଭବ ଅନିଶ୍ଚିତତା ମଧ୍ୟରେ କଠିନ ପରିଶ୍ରମ କରି ପରୀକ୍ଷାରେ ପାସ କରିବା ପରେ ମଧ୍ୟ 'ଚାକିରୀ' ନାମକ ଦୁର୍ଲଭ ହରିଣ ଟି ହାତକୁ ଆସେନା। ଘୁସ-ଦୁର୍ନୀତି-ପ୍ରିୟାପ୍ରୀତି ତୋଷଣ, ପ୍ରଶ୍ନ ପତ୍ର ଲିକ ସେମାନଙ୍କର ଏହି ଯାତ୍ରାକୁ ଆହୁରି ଦୁଃଖପୂର୍ଣ୍ଣ କରିଦିଏ। ଫଳରେ ବୈଷମ୍ୟ ଓ ବେକାରୀତ୍ୱ ତଥା ଦୀର୍ଘଦିନର ଏହି ନିପୀଡନର ଅନିବାର୍ଯ୍ୟ ପରିଣତି ହେଉଛି ଏହି ଗଣ ଅଭ୍ୟୁତ୍ଥାନ।

୨୦୧୮ ମସିହାରେ କୋଟା ସଂସ୍କାର ଆନ୍ଦୋଳନର ଫଳଶ୍ରୁତିରେ ସରକାର କୋଟା ପଦ୍ଧତି ବାତିଲ କରି ଯେଉଁ ନିର୍ଦ୍ଦେଶିକା ଜାରି କରିଥିଲେ ତା'କୁ ଗତ ଜୁନ ୫ ତାରିଖରେ ହାଇକୋର୍ଟ ଏକ ରାୟରେ ଖାରଜ କରିଦେଇଥିଲେ। ଏହି ଦିନ ହିଁ ତତ୍‌କ୍ଷଣାତ୍ ଢାକା ବିଶ୍ୱବିଦ୍ୟାଳୟ, ଜାହାଙ୍ଗିରନଗର ବିଶ୍ୱବିଦ୍ୟାଳୟ ସମେତ ଅନେକ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ନିର୍ଦ୍ଦେଶିକା ବାତିଲ ସିଦ୍ଧାନ୍ତ ପ୍ରତ୍ୟାହାର ଦାବିରେ ଲଗାତର ବିକ୍ଷୋଭ ଚାଲୁ ରହେ। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଜୁନ ମାସ ମଧ୍ୟରେ ଦାବି ମାନି ନେବାକୁ ଆହ୍ୱାନ ଦିଆଯାଏ। ମାତ୍ର ଏହି ସମୟ ମଧ୍ୟରେ ସରକାରଙ୍କ ତରଫରୁ ଆଶାନୁରୂପ କୌଣସି ଉଦ୍ୟୋଗ ନିଆଯାଇ ନଥିଲା। ଇଦ୍ ଛୁଟି ପରେ ବିଶ୍ୱବିଦ୍ୟାଳୟ ଖୋଲିବା ସଙ୍ଗେ ସଙ୍ଗେ ହିଁ ଜୁଲାଇ ମାସ ୧ତାରିଖରୁ ପୁଣି ବିକ୍ଷୋଭ ସଂଗଠିତ ହୁଏ। ଦେଶର ପ୍ରଥମ ସ୍ତରର ସମସ୍ତ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାରେ ଜମା ହେବାକୁ ଆରମ୍ଭ କଲେ। ପରେ ପ୍ରାୟ ସମସ୍ତ ଶିକ୍ଷାପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଆସି ଯୋଗ ଦେଲେ। ଏ ସଂପର୍କିତ ରାୟକୁ ସ୍ଥଗିତ କରିବାପାଇଁ ସରକାରଙ୍କ ଆପିଲକୁ ହାଇକୋର୍ଟ ନାକଚ କରିଦେଇ ଥିଲା। ଏହିଦିନ ଛାତ୍ରଛାତ୍ରୀମାନେ ଢାକାର ଶାହବାଗ ସଡକ ଅବରୋଧ କଲେ। ଦେଶର ବହୁସ୍ଥାନରେ ଏହିଭଳି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସଂଗଠିତ ହେଲା। ତା'ପରଦିନ ଶୁକ୍ରବାରରେ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ହେଲା। ଜୁଲାଇ ୫ତାରିଖ ଦିନ ସର୍ବତ୍ର ଛାତ୍ର ଧର୍ମଘଟର ଡାକରା ଦିଆଗଲା। ୬ ଜୁଲାଇରୁ 'ବାଙ୍ଗଲା ବ୍ଲକେଡ୍' କାର୍ଯ୍ୟକ୍ରମ ପାଳନ କରାଗଲା।

ଛାତ୍ର ଆନ୍ଦୋଳନ ତୀବ୍ର ହେବାରୁ ୧୦ଜୁଲାଇ ଦିନ ହାଇକୋର୍ଟ ଚାକିରୀରେ ସିଧାସଳଖ ନିଯୁକ୍ତି କ୍ଷେତ୍ରରେ(୯ମ ରୁ ୧୧ତମ) କୋଟା ବିଷୟରେ ୪ସପ୍ତାହ ସ୍ଥଗିତାଦେଶ ଜାରିକରି ପରବର୍ତ୍ତୀ ଶୁଣାଣି ନିମନ୍ତେ ୭ଅଗଷ୍ଟକୁ ଧାର୍ଯ୍ୟ କଲେ। ମାତ୍ର ଛାତ୍ରଛାତ୍ରୀମାନେ ସରକାରୀ ଚାକିରୀର ସମସ୍ତ ଗ୍ରେଡରେ କୋଟା ସଂସ୍କାରର ଦାବି ଉଠାଇ ଦୃଢ କଣ୍ଠରେ କହିଲେ ଯେ, ଏ ସଂକ୍ରାନ୍ତରେ ଅଦାଲତ ନୁହେଁ, ସରକାରଙ୍କୁ ସିଦ୍ଧାନ୍ତ ନେବାକୁ ହେବ। ଏହି ଦାବିରେ ଆନ୍ଦୋଳନ ଅବ୍ୟାହତ ରଖିବାକୁ ଘୋଷଣା କରାଗଲା।

ଅଦାଲତର ଦୁହାଇ ଦେଇ ସରକାର ଏହି ସମୟରେ ନିରବ ଦ୍ରଷ୍ଟାର ଭୂମିକା ପାଳନ କଲେ। ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନାର କୌଣସି ଉଦ୍ୟମ ନନେଇ ଆନ୍ଦୋଳନକୁ ଦମନ କରିବା ସକାଶେ ପଦକ୍ଷେପ ନେଲେ। କ୍ଷମତାସୀନ ଦଳର ସାଧାରଣ ସଂପାଦକ ଓବାୟଦୁଲ କାଦେର ମନ୍ତବ୍ୟ କଲେ ଯେ, କୋଟା ଆନ୍ଦୋଳନକାରୀ ମାନେ ସର୍ବୋଚ୍ଚ ଅଦାଲତ ବିରୁଦ୍ଧରେ ଶକ୍ତି ପ୍ରୟୋଗ କରୁଛନ୍ତି। ଗୃହ ମନ୍ତ୍ରୀ ଅସାଦାତ୍‌ଜୁମାନ ଖାନ କହିଲେ, ଛାତ୍ରଛାତ୍ରୀମାନେ 'ଲିମିଟ କ୍ରସ' କରିଯାଉଛନ୍ତି।

କ୍ଷମତାସୀନ ଦଳର ନେତା-ମନ୍ତ୍ରୀମାନଙ୍କର ଧମକକୁ ଉପେକ୍ଷା କରି ଛାତ୍ରଛାତ୍ରୀମାନେ ରାଜପଥ-ରେଳପଥ ଅବରୋଧ କରିଚାଲନ୍ତି। ୧୪ ଜୁଲାଇ ଦିନ ଏହି ସମାନ ଦାବିରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଏ। ଏହିଦିନ ଗଣଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶେଖ ହାସିନା କହିଥିଲେ, 'କୋଟା ବିଷୟରେ ଆମର କିଛି କରିବାର ନାହିଁ। ମାମଲା ଉପରେ ଅଦାଲତ ଯେଉଁ ରାୟ ଦେଇଛନ୍ତି, ଏଥିରେ ସରକାରଙ୍କର କିଛି କରିବାର ନାହିଁ। ଅଦାଲତ କୁ ହିଁ ଏହାର ସମାଧାନ କରିବାକୁ ହେବ।' ସାମ୍ବାଦିକ ସମ୍ମିଳନୀର ଏକ ପର୍ଯ୍ୟାୟରେ ସେ ମନ୍ତବ୍ୟ ମଧ୍ୟ କଲେ ଯେ, 'ମୁକ୍ତି ଯୋଦ୍ଧାମାନଙ୍କର ନାତି ନାତୁଣୀମାନେ ପାଇବେ ନାହିଁ, ତା' ହେଲେ କ'ଣ ରାଜାକାରମାନଙ୍କ ନାତି-ନାତୁଣୀମାନେ ଚାକିରୀ ପାଇବେ ?' ଏହି ମନ୍ତବ୍ୟ ମାଧ୍ୟମରେ ବାସ୍ତବରେ ସେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କୁ କ୍ରୁରଭାବେ ଅପମାନିତ କରିଥିଲେ।

ଏ ଦେଶର ମୁକ୍ତିଯୁଦ୍ଧ ବିରୁଦ୍ଧରେ ପାକିସ୍ତାନୀ ଶାସକର ଦଲାଲ ସାଜି ଲକ୍ଷ ଲକ୍ଷ ଜନତାଙ୍କ ରକ୍ତରେ ନିଜ ହାତକୁ ରଞ୍ଜିତ କରିଥିବା ଘୃଣିତ ବିଶ୍ୱାସଘାତକ ରାଜାକାର ଭଳି ଶକ୍ତିମାନଙ୍କ ସହିତ ସେମାନଙ୍କର ତୁଳନାକୁ ଛାତ୍ର ଓ ଜନତା ଆଦୌ ଗ୍ରହଣ କରି ପାରିନଥିଲେ। ଏହି ମନ୍ତବ୍ୟ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଥିବା କ୍ରୋଧାଗ୍ନିରେ ଯେମିତି ଘିଅ ଢାଳି ଦେଲା। ମୁକ୍ତି ଯୁଦ୍ଧର ଚେତନା ଯେଉଁ ପ୍ରଜନ୍ମ ମଧ୍ୟରେ ଆଜି ବି ପ୍ରେରଣାର ଉତ୍ସ ହୋଇ ରହିଛି ସେମାନେ କିଭଳି ବା ଏହି ଚରମ ଅପମାନକୁ ଗ୍ରହଣ କରିବେ ? ଏହା ଥିଲା ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ନିକଟରେ ଆତ୍ମମର୍ଯ୍ୟାଦାର ପ୍ରଶ୍ନ। ତେଣୁ ହାସିନା ସରକାରକୁ ବିଦ୍ରୁପର ଶର ବିଦ୍ଧ କରି ହଜାର କଣ୍ଠରେ ଧ୍ୱନିତ ହେଲା, 'ତୁମେ କିଏ, ମୁଁ କିଏ- ରାଜାକାର। ରାଜାକାର, କିଏ କହୁଛି, କିଏ କହୁଛି ସ୍ୱୈରାଚାର, ସ୍ୱୈରାଚାର', 'ଚାହିଁଥିଲୁ ଅଧିକାର, ହୋଇଗଲୁ ରାଜାକାର'। ଏହି ସ୍ଲୋଗାନ ଦେଇ ଦେଇ ନିଜର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସେହିଦନ ରାତିରେ ହିଁ ଢାକା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇ ଆସିଲେ। ଛାତ୍ରୀମାନେ ହଲର ଗେଟ ଭାଙ୍ଗି ଚାଲି ଆସିଲେ। ପ୍ରଧାନମନ୍ତ୍ରୀଙ୍କ କଟୁକ୍ତିର ଜବାବରେ ଆନ୍ଦୋଳନ ଖାଲି କୋଟା ସଂସ୍କାର ଦାବି ମଧ୍ୟରେ ଆଉ ସୀମାବଦ୍ଧ ହୋଇ ରହିଲା ନାହିଁ। ସ୍ୱୈରାଚାରୀ ହାସିନା ସରକାର ବିରୁଦ୍ଧରେ ଥିବା ପୁଞ୍ଜିଭୂତ କ୍ଷୋଭର ବହିଃ ପ୍ରକାଶ ଘଟିଲା। ସେହି ରାତିରେ ହିଁ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ଆରମ୍ଭ ହୋଇଗଲା। କେତେକ ସ୍ଥାନରେ ଛାତ୍ର ଲିଗ୍ (ଆୱାମୀ ଲିଗର ଛାତ୍ର ସଂଗଠନ) ଆନ୍ଦୋଳନକାରୀମାନଙ୍କ ଉପରେ ଆକ୍ରମଣ କଲା।

ଏହା ପରଦିନ ଉପରଓଳି ଆୱାମୀ ଲିଗର ସାଧାରଣ ସଂପାଦକ ଓବାୟଦୁଲ କାଦେର ଆନ୍ଦୋଳନକାରୀମାନଙ୍କ ଉଦ୍ଦେଶ୍ୟରେ କହିଲେ, 'ଏହାର ଜବାବ ଦେବାକୁ ଛାତ୍ର ଲିଗ ପ୍ରସ୍ତୁତ'। ଏହି ମନ୍ତବ୍ୟର ପରଦିନ ହିଁ ଦେଖାଗଲା, ଢାକା ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଛାତ୍ର ବିକ୍ଷୋଭ ଉପରେ ଛାତ୍ର ଲିଗ ଭଡାଟିଆ ଗୁଣ୍ଡା, ଅପରାଧୀମାନଙ୍କୁ ଲଗେଇ ଆକ୍ରମଣ କରୁଛି। ଏପରିକି ଆନ୍ଦୋଳନକାରୀ ଛାତ୍ରୀମାନଙ୍କ ଉପରେ ବି ଦଫାରେ ଦଫାରେ ଆକ୍ରମଣ କରୁଛି। ଏହି ଦିନ ପ୍ରାୟ ତିନିଶହ ଛାତ୍ରଛାତ୍ରୀ ଆହତ ହେଲେ। ଆହତମାନଙ୍କୁ ଢାକା ମେଡିକାଲକୁ ଚିକିତ୍ସାପାଇଁ ନେବା ବେଳେ ଏପରିକି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟ ଆକ୍ରମଣ କରାଗଲା। ଘୃଣ୍ୟ ବର୍ବର ଆକ୍ରମଣର ନଜିରବିହୀନ ଦୃଷ୍ଟାନ୍ତ ଛାତ୍ର ଲିଗ ସ୍ଥାପନ କଲା।

୧୬ ଜୁଲାଇ, ରଂଗପୁର ବିକ୍ଷୋଭରେ ପୋଲିସ ଗୁଳିରେ ବେଗମ୍ ରୋକେୟା ବିଶ୍ୱବିଦ୍ୟାଳୟ ଛାତ୍ର ଆବୁ ସାଇଦ ସହିଦ ହେଲେ। ଏହି ଦିନ ବିଭିନ୍ନ ସ୍ଥାନରେ ୬ଜଣଙ୍କୁ ହତ୍ୟା କରାଗଲା। ସାରା ଦେଶ ପ୍ରତିବାଦରେ ଫାଟି ପଡିଲା। ସର୍ବସ୍ତରର ଜନଗଣ ରାସ୍ତାକୁ ଓହ୍ଲାଇ ଆସିଲେ। 'ସର୍ବାତ୍ମକ ଅବରୋଧ' ପରେ, 'କମପ୍ଲିଟ୍ ସଟ୍ ଡାଉନ୍' ଯୋଗୁ ସାରା ଦେଶ ଅଚଳ ହୋଇଯାଇଥିଲା।

ଗଣଆନ୍ଦୋଳନ ଉପରେ ଫାସିଷ୍ଟ ଆୱାମୀ ଲିଗ୍ ସରକାରର ଆକ୍ରମଣ ଆହୁରି ନୃଶଂସ ହେଲା। ସରକାର ସମସ୍ତ ରାଷ୍ଟ୍ରଶକ୍ତି ଓ ନିଜର ଦଳୀୟ ବାହିନୀକୁ ଛାତ୍ର-ଜନତାଙ୍କ ପଛରେ ଲଗାଇଦେଲା। ପୋଲିସ-ର୍‍ୟାବ-ବିଜିବି ଓ ଛାତ୍ର ଲିଗ- ଯୁବ ଲିଗ-ଆୱାମୀ ଲିଗର ଅପରାଧି ବାହିନୀ ଇତି ମଧ୍ୟରେ କେତେ ଶହ ଛାତ୍ର-ଜନତାଙ୍କୁ ହତ୍ୟା କରିଛନ୍ତି। ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଏହି ସଂଖ୍ୟା ୫ଶହରୁ ଉର୍ଦ୍ଧ୍ୱ ହେଲେ ବି ପ୍ରକୃତ ସଂଖ୍ୟା ଏବେ ମଧ୍ୟ ଅଜଣା। ଗୁଳିବିଦ୍ଧ ହୋଇ ୫୦ରୁ ଉର୍ଦ୍ଧ୍ୱ ଲୋକ ଆଖି ହରାଇଛନ୍ତି। ହଜାରରୁ ଅଧିକ ଆହତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଗୁଳିବିଦ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ପ୍ରାୟ ୧୧ ହଜାର ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି। ଢାକା ଓ ଅନ୍ୟାନ୍ୟ ଜିଲ୍ଲାଗୁଡିକରେ ପଡାରେ ପଡାରେ ବ୍ଲକ୍ ରେଡ କରି ଆୱାମୀ ଲିଗ ସରକାର ଗିରଫଦାରୀ ଅଭିଯାନ ଚଳାଇଛି।

ପୋଲିସ-ର୍‍ୟାବ-ବିଜିବି ଓ ଦଳୀୟ ଅପରାଧୀ ବାହିନୀ ଲଗାଇ ମଧ୍ୟ ଆନ୍ଦୋଳନକୁ ସରକାର ଦବେଇ ପାରି ନାହାନ୍ତି। ଏହାପରେ କର୍ଫ୍ୟୁ ଜାରି କରାହୁଏ। ସୈନ୍ୟବାହିନୀ ମଧ୍ୟ ଓହ୍ଲାଇଛି। ଇଣ୍ଟରନେଟ ସେବା ବନ୍ଦ କରି ଦିଆଯାଇଛି। ଫେସ୍‌ବୁକ, ହ୍ୱାଟସ୍‌ଆପ ଭଳି ସାମାଜିକ ଯୋଗାଯୋଗ ମାଧ୍ୟମ ଗୁଡିକୁ ବନ୍ଦ କରିଦେଇ ଟେଲିଭିଜନ ଚ୍ୟାନେଲଗୁଡିକରେ ଏକତରଫା ଭାବେ ସରକାରୀ ବକ୍ତବ୍ୟ ପ୍ରଚାର କରାଯାଇଛି। ଏହା ସତ୍ତ୍ୱେ ବି, ଯେତିକି ଖବର ମିଳିଛି, ଭିଡିଓ ଚିତ୍ର ପ୍ରକାଶିତ ହୋଇଛି, ସେଥିରେ ଗଭୀର ବିସ୍ମୟ ଓ କ୍ରୋଧର ସହିତ ଲୋକେ ଲକ୍ଷ୍ୟ କରିଛନ୍ତି ଯେ, କିଭଳି ନୃଶଂସ ଆକ୍ରମଣ ଅତୀତର ସମସ୍ତ ରେକର୍ଡକୁ ଟପି ଯାଇଛି। କିଭଳି ଥଣ୍ଡା ମଥାରେ ପୋଲିସ ଆନ୍ଦୋଳନକାରୀଙ୍କ ଛାତି ଓ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ଚଳାଇଛି। ଘର ଛାତ ଉପରୁ ଶିଶୁମାନଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଛି ଓ ହତ୍ୟା କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାପ୍ତ ଖବର ଅନୁଯାୟୀ ୩୨ଜଣ ଶିଶୁଙ୍କୁ ହତ୍ୟା କରାଯାଇଛି।

ଏତେ ଅଳ୍ପ ସମୟ ମଧ୍ୟରେ କୌଣସି ଆନ୍ଦୋଳନରେ ଏତେ ସଂଖ୍ୟକ ମୃତ୍ୟୁ ମୁକ୍ତିଯୁଦ୍ଧ ସମୟ ବ୍ୟତୀତ କେବେ ହୋଇ ନାହିଁ। ଏପରିକି ପାକିସ୍ତାନୀ ଶାସନ ସମୟରେ ବା ସ୍ୱାଧୀନତା ପରବର୍ତ୍ତୀ ବାଙ୍ଗଲାଦେଶରେ ବି ହୋଇ ନାହିଁ। ଆନ୍ଦୋଳନର ଗର୍ଭରୁ ହିଁ ଏହି ଦେଶର ଜନ୍ମ। ୧୯୫୨ର ଭାଷା ଆନ୍ଦୋଳନ, ୧୯୬୯ ମସିହାର ଗଣଅଭ୍ୟୁତ୍‌ଥାନ, ୧୯୯୦ର ଗଣଅଭ୍ୟୁତ୍‌ଥାନ ସହିତ ଛୋଟ ବଡ ଅସଂଖ୍ୟ ଆନ୍ଦୋଳନ ଏ ଦେଶରେ ହୋଇଛି। ଏହି ସମୟରେ ଅତ୍ୟାଚାର-ନିର୍ଯ୍ୟାତନା କଣ କମ ହୋଇଛି, ମାତ୍ର ଏତେ ରକ୍ତପାତ, ଏତେ ସଂଖ୍ୟକ ମଣିଷଙ୍କର ଶବ କେବେ ଦେଖିବାକୁ ମିଳି ନାହିଁ। ସେଦିଗରୁ ଅତୀତର ସମସ୍ତ ସ୍ୱୈରାଚାରୀ ନୃଶଂସତା ଆୱାମୀ ଲିଗର ଫାସିଷ୍ଟ ସରକାର ନିକଟରେ ହାର ମାନିଛି। ତେବେ ବୀରମାନଙ୍କ ତେଜୋଦୀପ୍ତ ପ୍ରତିବାଦୀ ସ୍ରୋତ କ୍ଷାନ୍ତ ହୋଇନାହିଁ, ଦବି ଯାଇ ନାହାନ୍ତି ଅପୂର୍ବ ସାହସୀ ଛାତ୍ର-ଜନତା, ଲିଭି ଯାଇନି ପୁଞ୍ଜିଭୂତ କ୍ଷୋଭର ଅଗ୍ନିଶିଖା।

### ଆନ୍ଦୋଳନର ଅଗ୍ନିଶିଖା ଚତୁର୍ଦ୍ଦିଗକୁ ବ୍ୟାପୀଗଲା

କୋଟା ସଂସ୍କାର ଦାବିରୁ ଯେଉଁ ସ୍ଫୁଲିଙ୍ଗର ସୂଚନା ହୋଇଥିଲା, ତା' ଦାବାନଳର ରୂପ ନେଲା। ଏହି ପର୍ଯ୍ୟାୟରେ ଆନ୍ଦୋଳନ କେବଳମାତ୍ର ଛାତ୍ର ଆନ୍ଦୋଳନ ମଧ୍ୟରେ ଆଉ ସୀମାବଦ୍ଧ ହୋଇ ରହି ନାହିଁ, ଦାବି ମଧ୍ୟ କୋଟା ସଂସ୍କାର ମଧ୍ୟରେ ଆବଦ୍ଧ ହୋଇ ରହିଲା ନାହିଁ। ଆନ୍ଦୋଳନ ଉପରେ ନିର୍ବିଚାର ଗୁଳିଚାଳନା ଓ ହତ୍ୟାକାଣ୍ଡ ଦେଖି ସାରା ଦେଶ ସ୍ତମ୍ଭିତ, ବାକ୍‌ରୁଦ୍ଧ ହୋଇ ପଡିଲା। ପ୍ରାଥମିକ ସ୍ତରରେ ଆବେଗ ବିହ୍ୱଳତା ଅତିକ୍ରମ କରି, ଦୁଃଖ ଶୋକକୁ ପଛରେ ପକାଇ ଗଣହତ୍ୟାକାରୀମାନଙ୍କ ବିଚାର ଦାବିରେ ସ୍ୱତଃସ୍ଫୁର୍ତ୍ତ ଗଣଅଭ୍ୟୁତ୍‌ଥାନ ଆରମ୍ଭ ହେଲା। ପ୍ରତିଦିନ ଆନ୍ଦୋଳନ ଶକ୍ତି ବୃଦ୍ଧି ପାଇବାରେ ଲାଗିଲା। ବାଧ୍ୟ ହୋଇ ସରକାର ଅତି ତରବରିଆ ଭାବେ ଅଦାଲତ ବସାଇ କୋଟା ସଂସ୍କାର କରି ବିଜ୍ଞପ୍ତି ଜାରି କଲେ। ଏହାସହିତ ମଧ୍ୟ ଅପହରଣ-ହତ୍ୟା ପୂର୍ବବତ ଖୁବ୍ କୌଶଳରେ ଚାଲୁ ରଖିଲେ। ପୁଣି ଆନ୍ଦୋଳନର ସମନ୍ୱୟକାରୀ ମାନଙ୍କୁ ହସପିଟାଲରୁ ଆଣି ପୋଲିସ କାର୍ଯ୍ୟାଳୟରେ ଅଟକ ରଖି ଅକଥନୀୟ ଅତ୍ୟାଚାର କରି ସେମାନଙ୍କର ବିବୃତ୍ତି ପରିବର୍ତ୍ତନ କରିବାକୁ ବାଧ୍ୟ କଲେ ଏବଂ ଜନଗଣଙ୍କୁ ବିଭ୍ରାନ୍ତ କରିବା ନିମିତ୍ତ ଏହି ବିବୃତ୍ତିକୁ ଦେଶବ୍ୟାପୀ ପ୍ରଚାର କରିବାର ଅପକୌଶଳ ମଧ୍ୟ ଗ୍ରହଣ କଲେ।

ଜନଗଣ ଛାତ୍ର ଛାତ୍ରୀମାନଙ୍କର ଦାବି ସହିତ ଏକାତ୍ମ ହୋଇ ରାଜରାସ୍ତାକୁ ଓହ୍ଲାଇଲେ। ଆୱାମୀ ଲିଗର ଗତ ୧୫ବର୍ଷର ଫାସିଷ୍ଟ ଶାସନ ସମୟରେ ଅତ୍ୟାଚାର-ନିର୍ଯ୍ୟାତନା, ଅପହରଣ-ହତ୍ୟା ବିରୁଦ୍ଧରେ ସାମାନ୍ୟତମ ପ୍ରତିବାଦର ପଥ ସଂପୂର୍ଣ୍ଣ ରୁଦ୍ଧ ଥିଲା। ୨୦୧୪,୨୦୧୮ ଓ ୨୦୨୪ ମସିହାରେ ପର ପର ତିନୋଟି ଜାତୀୟ ନିର୍ବାଚନ ହୋଇଛି, ଯେଉଁଠି ଜନସାଧାରଣ ସେମାନଙ୍କର ମତ ପ୍ରକାଶ କରିପାରି ନାହାନ୍ତି। ନିର୍ବାଚନ ଥିଲା ଏକ ପ୍ରାୟୋଜିତ ନାଟକ। ଶାସନ କ୍ଷମତା ବଳପୂର୍ବକ ଅକ୍ତିଆର କରି ରଖିଛି ଆୱାମୀ ଲିଗ୍। ଏହିଭଳିଭାବେ ଏକତରଫା କ୍ଷମତାରେ ରହିବା ଫଳରେ ସେମାନେ ରାଷ୍ଟ୍ରଯନ୍ତ୍ରକୁ ବ୍ୟବହାର କରି ମନଇଚ୍ଛା କାଣ୍ଡ କରିଛନ୍ତି। ଆଉ ସେମାନଙ୍କ ପଛରେ ଠିଆ ହୋଇଛନ୍ତି ଦେଶର ବଡ ବଡ ବ୍ୟବସାୟୀ-ପୁଞ୍ଜିପତିମାନେ। ବିଭିନ୍ନ ଉନ୍ନୟନ ପ୍ରକଳ୍ପରୁ ସେମାନେ ହଜାର ହଜାର କୋଟି ଟଙ୍କା ଲୁଟିଛନ୍ତି। ପରିକଳ୍ପିତ ଭାବେ ବ୍ୟାଙ୍କଗୁଡିକରୁ ହଜାର ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ବାଙ୍ଗଲାଦେଶର . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ଟଙ୍କା ଦେଶ ବାହାରେ ଜମା କରି ରଖିଛନ୍ତି। ସିଣ୍ଡିକେଟର ଦୌରାତ୍ମ୍ୟ, ଲୁଟପାଟ, ଚାନ୍ଦାବାଜି ଯୋଗୁ ଦରଦାମ ବୃଦ୍ଧି ସୀମାହୀନ ଭାବେ ବୃଦ୍ଧି ପାଇଛି, ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଆଖି ସାମ୍ନାରେ ସେମାନେ ଦେଖୁଛନ୍ତି, ଗୋଟିଏ ଗୋଷ୍ଠି କିଭଳି ଅଧିକରୁ ଅଧିକ ଧନୀ ହେଉଛନ୍ତି। ଏସବୁ ଫଳରେ ପ୍ରତିଦିନ ଏହି କ୍ଷୋଭ ପୁଞ୍ଜିଭୂତ ହେଉଥିଲା। ଏହି ନିର୍ବିଚାର ହତ୍ୟାକାଣ୍ଡ ଫଳରେ ବାରୁଦ ଭଳି ଏହାର ବିସ୍ଫୋରଣ ହେଲା। ଛାତ୍ରମାନେ ପ୍ରଥମ ଥର ଆନ୍ଦୋଳନକୁ ଓହ୍ଲାଇ ନାହାନ୍ତି। ୨୦୧୧ ମସିହାରେ ସେମାନଙ୍କର ଦୁଇବନ୍ଧୁଙ୍କୁ ବସରେ ଚପାଇ ହତ୍ୟା ପ୍ରତିବାଦରେ ଏହି ଛାତ୍ରମାନେ ଯେଉଁ ଆନ୍ଦୋଳନ ସଂଗଠିତ କରିଥିଲେ, ତାହା ଜନତାଙ୍କ ଘୁମନ୍ତ ବିବେକକୁ ଜାଗ୍ରତ କରି ଦେଇଥିଲା।

### ଆନ୍ଦୋଳନକୁ ପଥଭ୍ରଷ୍ଟ କରିବାର ଚକ୍ରାନ୍ତ- 'ପ୍ରତାରଣାର ରାଜନୀତି'

ଏହି ୧୫ବର୍ଷ ବ୍ୟାପୀ ଶାସନରେ ଆୱାମୀ ଲିଗ ଯେତେଥର ସଂକଟରେ ପଡିଛି, ସେତେଥର ଆନ୍ଦୋଳନକାରୀମାନଙ୍କୁ ଜାମାତ ଆତଙ୍କବାଦୀ ଆଖ୍ୟାଦେଇ, ଧର୍ମାନ୍ଧ ଓ ଧର୍ମନିରପେକ୍ଷ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ କାମରେ ଲଗାଇ ଉଦ୍ଧାର ପାଇବା ପାଇଁ ଚେଷ୍ଟା କରିଛି, ଦେଶର ମାନବ ଦରଦୀ, ଉଦାର, ଗଣତନ୍ତ୍ର ପ୍ରେମୀ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରି ନିଜର ଶାସନ ବଜାୟ ରଖିବାକୁ ଚେଷ୍ଟା କରିଛି।

ଏହି ଆନ୍ଦୋଳନକୁ ମଧ୍ୟ ଦମନ କରିବା କ୍ଷେତ୍ରରେ ସରକାର ଦୁଇଦିଗରୁ ଆକ୍ରମଣ କରିଛି। ଗୋଟିଏ ଦିଗରେ ବିଭିନ୍ନ ରାଷ୍ଟ୍ରୀୟ ବାହିନୀ ଓ ଦଳୀୟ ଅପରାଧୀ ଗୁଣ୍ଡାବାହିନୀ ଲଗାଇ ଆକ୍ରମଣ କରିଛି। ଅନ୍ୟଦିଗରେ ଆନ୍ଦୋଳନ ଆଉ ଛାତ୍ରମାନଙ୍କ ହାତରେ ନାହିଁ, ଆନ୍ଦୋଳନରେ 'ବି.ଏନ୍.ପି-ଜାମାତ(ବାଙ୍ଗଲାଦେଶ ନେସନାଲିଷ୍ଟ ପାର୍ଟି ଓ ଇସଲାମିକ ମୌଳବାଦୀ ସଂଗଠନ)' ପ୍ରବେଶ କରିଛି- ଏହି କଥା କହି ଆନ୍ଦୋଳନକାରୀମାନଙ୍କୁ ସ୍ୱାଧୀନତା ବିରୋଧୀ ଦୁଷ୍ଟଶକ୍ତି ଭାବେ ନିନ୍ଦିତ କରିବାକୁ ଚେଷ୍ଟା କରିଛି ଓ ଆନ୍ଦୋଳନ ସହିତ ଯୁକ୍ତ ଗଣତନ୍ତ୍ରପ୍ରେମୀ ଜନସାଧାରଣଙ୍କୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରିଛି। ହାତଗଣତି କେତୋଟି ସରକାରୀ ଭବନର ଆକ୍ରମଣ, ଭଙ୍ଗାରୁଜା ଓ ପୋଡାଜଳା ଦୃଶ୍ୟ ଦେଖାଇ କହିଛି, ଆନ୍ଦୋଳନକାରୀମାନେ ରାଷ୍ଟ୍ରୀୟ ସମ୍ପତ୍ତିର କ୍ଷତି କରୁଛନ୍ତି, ବିଏନ୍‌ପି-ଜାମାତ ମିଶି ସର୍ବନାଶୀ କାଣ୍ଡ କରୁଛନ୍ତି। ଏହିଭଳି ଭାବେ ଜନଗଣଙ୍କର ସହାନୁଭୂତି ପାଇବା ପାଇଁ ଚେଷ୍ଟା କରିଛି। ସରକାରୀ ଦମନ-ପୀଡନ ସପକ୍ଷରେ ଜନସାଧାରଣଙ୍କୁ ପ୍ରଭାବିତ କରିବା ପାଇଁ ଚାହିଁଛି। ଅଥଚ, କିଭଳି ବସ ମାଲିକମାନେ ମେଟ୍ରୋ ରେଳରେ ନିଆଁ ଲଗାଇଛନ୍ତି। ଚଟ୍ଟଗ୍ରାମରେ ଶ୍ରମିକ ଲିଗର(ଆୱାମୀ ଲିଗର ଶ୍ରମିକ ସଂଗଠନ) ନେତା ଭଡାରେ ଅପରାଧୀମାନଙ୍କୁ ଲଗେଇ ବି.ଆର.ଟି.ସି ବସ ପୋଡୁଛି, ତାହା ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି। ଏହି ଅଭିଯୋଗରେ ଏହି ଅପରାଧି ନେତା ଜଣକୁ ମଧ୍ୟ ଗିରଫ କରାଯାଇଛି। ଉକ୍ତ ଆନ୍ଦୋଳନରେ ମୁସଲମାନ-ହିନ୍ଦୁ ନିର୍ବିଶେଷରେ ସମସ୍ତ ଛାତ୍ର-ଜନତା ସାମିଲ ହୋଇଛନ୍ତି। ଏକତ୍ର ଲଢିଛନ୍ତି, ଜୀବନ ଦେଇଛନ୍ତି। କୌଣସି ଭେଦଭାବ ନଥିଲା। ଶେଖ ହାସିନା ପଳାୟନ କରିବାକୁ ବାଧ୍ୟ ହେବା ପରେ କ୍ଷମତାଚ୍ୟୁତ ଆୱାମୀ ଲିଗର ଲୋକମାନେ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠି ଆନ୍ଦୋଳନକୁ କାଳିମାଲିପ୍ତ କରିବା ପାଇଁ ସଂଖ୍ୟାଲଘୁମାନଙ୍କର କିଛି ଧର୍ମସ୍ଥାନ ଉପରେ ଆକ୍ରମଣ କରିଛନ୍ତି। କେଉଁଠି କେଉଁଠି ଲୁଟପାଟ ମଧ୍ୟ କରିଛନ୍ତି। କିନ୍ତୁ ସଙ୍ଗେ ସଙ୍ଗେ ଆନ୍ଦୋଳନକାରୀ ଛାତ୍ର-ଜନତା ଏହି ଚକ୍ରାନ୍ତକୁ ପଣ୍ଡ କରିଦେଇଛନ୍ତି।

ଫଳରେ ଆୱାମୀ ଲିଗ ଦ୍ୱାରା ପୂର୍ବରୁ ବହୁବାର ବ୍ୟବହୃତ ହୋଇଥିବା ଅପକୌଶଳ ଏଥର କାମ କରିନାହିଁ। ଜନଗଣଙ୍କ ନିକଟରେ ସରକାରର ସମସ୍ତ ଗୁମର ଖୋଲିଯାଇଛି। ତେଣୁ ଆନ୍ଦୋଳନ ଏହାର ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହୋଇନାହିଁ, ବରଂ ପ୍ରତିଦିନ ଜନସାଧାରଣଙ୍କର ସମର୍ଥନ ଓ ଅଂଶଗ୍ରହଣ ବୃଦ୍ଧି ପାଇଛି। ଦେଶର ବିଶିଷ୍ଟ ଅଧ୍ୟାପକ-ଶିକ୍ଷକ, ଅଭିନେତା, ଶିଳ୍ପୀ, ଚଳଚ୍ଚିତ୍ର ନିର୍ମାତା, କଣ୍ଠଶିଳ୍ପୀ, ସାମ୍ବାଦିକ, କବି, ସାହିତ୍ୟିକ ସମେତ ବିଭିନ୍ନ ଅଂଶର ଜନଗଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ନିଜ ନିଜ ସ୍ତରରେ ସୃଜନଶୀଳ ଉଦ୍ୟୋଗ ନେଇ ଛାତ୍ର-ଜନତାଙ୍କ ନିକଟରେ ଠିଆ ହୋଇ ଆନ୍ଦୋଳନକୁ ଗତିଶୀଳ କରାଇଛନ୍ତି।

### ଗୋଟିଏ ଦଫା , ଗୋଟିଏ ଦାବି ଖୁନୀ ହାସିନାର ପଦତ୍ୟାଗ

୧୬ ଜୁଲାଇ, ଆବୁ ସାଇଦ ସମେତ ୬ ଜଣ ଆନ୍ଦୋଳନକାରୀ ସହିଦ ହୁଅନ୍ତି। ୧୬ ଜୁଲାଇରେ ବାମ ଗଣତାନ୍ତ୍ରିକ ମେଣ୍ଟ, ଫାସିବାଦ ବିରୋଧୀ ବାମ ମୋର୍ଚ୍ଚା ଓ ବାଙ୍ଗଲାଦେଶ ଜାସଦ (ଜାତୀୟ ସମାଜତାନ୍ତ୍ରିକ ଦଳ)ଏକ ସମ୍ମିଳିତ ବିବୃତ୍ତି ଦେଇ କ୍ଷମା ଭିକ୍ଷା ପରିବର୍ତ୍ତେ ଶେଖ ହାସିନାର ପଦତ୍ୟାଗର ଦାବି ଉଠାନ୍ତି।

ଜୁଲାଇ ୧୭ ତାରିଖରୁ ଇଣ୍ଟରନେଟ ବନ୍ଦ କରିଦିଆଯାଏ ଏବଂ ଜୁଲାଇ ୧୯ ତାରିଖରୁ କର୍ଫ୍ୟୁ ଘୋଷଣା କରି ଦେଶର ଲୋକଙ୍କ ଉପରେ ଆହୁରି ନିର୍ମମ ଆକ୍ରମଣ ଚଳାଯାଏ। ସାହି ବସ୍ତିରେ 'ବ୍ଲକ୍ ରେଡ' ମାଧ୍ୟମରେ ଯାହାକୁ ଇଚ୍ଛା ତାକୁ ଉଠାଇ ନେବା ଆରମ୍ଭ ହୁଏ। ୨୬ ଜୁଲାଇ ଦିନ ସକାଳ ୧୧ଟାରେ ସାଂସ୍କୃତିକ କର୍ମୀମାନେ ନିଷେଧାଜ୍ଞା ଅମାନ୍ୟ କରି, 'ସଂଗୀତ ଶୋଭାଯାତ୍ରା' ବାହାର କରନ୍ତି। ସଂଧ୍ୟାବେଳେ ବାମଗଣତାନ୍ତ୍ରିକ ମେଣ୍ଟ, ଫାସିବାଦ ବିରୋଧୀ ବାମ ମୋର୍ଚ୍ଚା ଓ ବାଙ୍ଗଲାଦେଶ ଜାସଦ ସମ୍ମିଳିତ ଭାବେ ସହିଦମାନଙ୍କ ସ୍ମରଣରେ 'ଶୋକ ଶୋଭାଯାତ୍ରା' ବାହାର କରନ୍ତି। ଜୁଲାଇ ୧୭ତାରିଖ ସକାଳେ ମହିଳାମାନଙ୍କ ଉଦ୍ୟୋଗରେ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୁଏ। ବୈଷମ୍ୟ ବିରୋଧୀ ଛାତ୍ର ଆନ୍ଦୋଳନ ୨୯ଜୁଲାଇ ଦିନ ଦେଶବ୍ୟାପୀ ପ୍ରତିବାଦ ସମାବେଶ, ୩୦ ଜୁଲାଇରେ ମୁହଁ ଓ ଆଖିରେ ଲାଲ କପଡା ବାନ୍ଧି ପ୍ରତିବାଦ ଓ ନିଜ ପ୍ରୋଫାଇଲକୁ ଲାଲ କରିବାର କର୍ମସୂଚୀ ଗ୍ରହଣ କରେ ଏବଂ ସମଗ୍ର ଦେଶର ବ୍ୟାପକ ଜନଗଣ ଅଂଶଗ୍ରହଣ କରନ୍ତି। ଏପରିକି ବିଭିନ୍ନ ସେକ୍ଟରର ପରିଚିତ ତାରକାମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରନ୍ତି। ଜୁଲାଇ ୩୧ତାରିଖ ଦିନ ବୈଷମ୍ୟ ବିରୋଧୀ ଛାତ୍ର ଆନ୍ଦୋଳନ ଡାକରାରେ ଅନୁଷ୍ଠିତ ହୁଏ 'ମାର୍ଚ୍ଚ ଫର ଜଷ୍ଟିସ୍'। ସେଦିନ ହାଇକୋର୍ଟ ପ୍ରାଙ୍ଗଣରେ ଆନ୍ଦୋଳନକାରୀମାନଙ୍କୁ ପୋଲିସ ଗିରଫ କଲାବେଳେ ଉଚ୍ଚ ଅଦାଲତର ଆଇନଜୀବୀମାନେ ପୋଲିସକୁ ବାଧା ଦିଅନ୍ତି। ଅଗଷ୍ଟ ୧ ତାରିଖ ଦିନ 'ରିମେମ୍ବରିଂ ଦି ହିରୋଜ' ଶିରୋନାମାରେ ସମଗ୍ର ଦେଶରେ ସହିଦମାନଙ୍କୁ ସ୍ମରଣ କରାହୁଏ। ଅଗଷ୍ଟ ୨ତାରିଖ ଦିନ ଦେଶବ୍ୟାପୀ ବିକ୍ଷୋଭ ଆନ୍ଦୋଳନ ସଂଗଠିତ କରାଯାଏ।

ଅଗଷ୍ଟ ୨ ତାରିଖରେ ଜାତୀୟ ପ୍ରେସ କ୍ଲବ୍‌ରେ ଆୟୋଜିତ ଛାତ୍ର-ଜନତାଙ୍କ ଦ୍ରୋହ ଯାତ୍ରାର ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ସମାବେଶରୁ ଅଧ୍ୟାପକ ଆନୁ ମହମ୍ମଦ ଶେଖ ହାସିନାଙ୍କ ପଦତ୍ୟାଗର ଦାବି ସ୍ପଷ୍ଟଭାବେ ଉଠାଇଥିଲେ। ଏହି ସମାବେଶରେ ବିଭିନ୍ନ ପେଶାର ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ଏହି ଦାବି ମାଧ୍ୟମରେ ଶେଖ ହାସିନାର ଫାସିଷ୍ଟ ଶାସନ ହାତରୁ ମୁକ୍ତିର ଯେଉଁ ଆକୁଳ ଆକାଂକ୍ଷା ଜନଗଣଙ୍କ ମଧ୍ୟରେ ଗୁମୁରି ଗୁମୁରି କାନ୍ଦୁଥିଲା, ତାହା ଭାଷା ପାଇଲା। ତା'ପର ଦିନ ଶହୀଦ ମୀନାରଠାରେ ଅନୁଷ୍ଠିତ ଲକ୍ଷ ଲକ୍ଷ ଜନତାଙ୍କ ସମାବେଶରୁ ବୈଷମ୍ୟ ବିରୋଧୀ ଛାତ୍ର ଆନ୍ଦୋଳନ ଶେଖ ହାସିନାଙ୍କ ପଦତ୍ୟାଗର ଏକ ଦଫା ଦାବି ଉଠାଇଲା। ଏହି ଦାବିରେ ସେତେବେଳେ ସମଗ୍ର ଦେଶର ଜନସାଧାରଣ ଆନ୍ଦୋଳନରେ ଝାମ୍ପି ପଡିଲେ।

ଏହି ଏକ ଦଫା ଦାବିରେ ଅଗଷ୍ଟ ୪ତାରିଖରୁ ଲଗାତର ଭାବେ ଅସହଯୋଗ ଆନ୍ଦୋଳନ ସଂଗଠିତ କରିବା ଘୋଷଣା କରାଗଲା। ୬ ଅଗଷ୍ଟରେ ଘୋଷଣା କରାଗଲା, 'ଲଙ୍ଗ୍ ମାର୍ଚ୍ଚ ଟୁ ଢାକା'। ଅଗଷ୍ଟ ୪ତାରିଖ, ଅସହଯୋଗ ଆନ୍ଦୋଳନର ପ୍ରଥମ ଦିନରେ ସମଗ୍ର ଦେଶରେ ପୋଲିସ ଓ ଆୱାମୀ ଲିଗର ଅପରାଧୀ ବହିନୀର ନିର୍ମମ ହତ୍ୟାକାଣ୍ଡ କୁ ଦେଖି 'ଢାକା ମାର୍ଚ୍ଚ' ଗୋଟିଏ ଦିନ ଅର୍ଥାତ୍ ୫ ଅଗଷ୍ଟକୁ ପଛେଇ ନିଆଗଲା।

୫ଅଗଷ୍ଟ, ୨୦୨୪ ସୋମବାର, ଦିନ ବଢିବା ସଙ୍ଗେ ସଙ୍ଗେ ଢାକାମୁଖୀ ଲକ୍ଷ ଲକ୍ଷ ଜନତାଙ୍କ ପ୍ରତିବାଦୀ ଶୋଭାଯାତ୍ରାର ସ୍ରୋତ ବଢିବାକୁ ଲାଗିଲା। ବାଙ୍ଗଲାଦେଶର ପାର୍ଲିଆମେଣ୍ଟ 'ଗଣ ଭବନ' ଆଡକୁ ଏହି ସ୍ରୋତ ଦୁରନ୍ତ ଗତିରେ ମାଡି ଆସିଲା। ଜନସମୁଦ୍ରର ଏହି ଉତ୍ତାଳ ଜୁଆରକୁ ରୋକିବାର ଉପାୟ ରାଷ୍ଟ୍ରଶକ୍ତିର ନଥିଲା। ଗଣଅଭ୍ୟୁତ୍‌ଥାନ ନିକଟରେ ରାଷ୍ଟ୍ରଶକ୍ତି ପରାଜିତ ହେଲା। ସେହି ଅପରାହ୍ନରେ ହିଁ ଶେଖ ହାସିନା ପଦତ୍ୟାଗ କରି ଗଣ ଭବନରୁ ଦେଶଛାଡି ପଳାୟନ କରିବାକୁ ବାଧ ହେଲେ।

ବିଭିନ୍ନ ଶ୍ରେଣୀ ଓ ପେଶାର ଜନତା ଏହି ଆନ୍ଦୋଳନରେ ଐତିହାସିକ ଭୂମିକା ପାଳନ କରିଛନ୍ତି। ଅସଂଖ୍ୟ ଜନତା କେହି ପ୍ରକାଶ୍ୟରେ, କେହି ଗୋପନରେ ଏହି ଅଭ୍ୟୁତ୍‌ଥାନରେ ଯୁକ୍ତ ହୋଇଥିଲେ। ବିଶ୍ୱବିଦ୍ୟାଳୟ ର ଶିକ୍ଷକମାନଙ୍କ ଭୂମିକା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ସଂଗଠନ 'ବିଶ୍ୱବିଦ୍ୟାଳୟ ଶିକ୍ଷକ ନେଟୱାର୍କ' ଫାସିବାଦୀ ସରକାର ବିରୁଦ୍ଧରେ ବହୁଦିନ ଧରି ଚାଲିଥିବା ଧାରାବାହିକ ଆନ୍ଦୋଳନରେ ଥିଲା। ଆନ୍ଦୋଳନ ସମୟରେ ସେମାନେ ସାହସିକ ଭୂମିକା ପାଳନ କରିଛନ୍ତି। ୧୭ଜୁଲାଇ ଦିନ ସେମାନେ ଶାହବାଗ ଥାନାରୁ ଦୁଇଜଣ ଆନ୍ଦୋଳନକାରୀ ଛାତ୍ରଙ୍କୁ ଛଡାଇ ଆଣନ୍ତି। ଜାହାଙ୍ଗୀର ନଗର ବିଶ୍ୱବିଦ୍ୟାଳୟ, ରାଜଶାହୀ ବିଶ୍ୱବିଦ୍ୟାଳୟ, ଇସଲାମୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରମାନଙ୍କ ସହିତ ଶିକ୍ଷକମାନେ ପ୍ରତିବାଦ ଶୋଭାଯାତ୍ରାରେ ଓହ୍ଲାଇଛନ୍ତି। ଏହାଥିଲା ଏକ ଅଭୁତପୂର୍ବ ଘଟଣା।

୧୯ ଜୁଲାଇ, ଯେତେବେଳେ ବୈଷମ୍ୟ ବିରୋଧୀ ଛାତ୍ର ଆନ୍ଦୋଳନର ୬ଜଣ ସମନ୍ୱୟକଙ୍କୁ ଡିବି(Detective Branch) ଅଫିସରେ ଅଟକ ରଖାଯାଇଛି, ସେମାନଙ୍କ ନିକଟରୁ ବଳପୂର୍ବକ ଜମାନବନ୍ଦୀ ନିଆଯାଇଛି, ବିଶ୍ୱ ବିଦ୍ୟାଳୟର ଶିକ୍ଷକମାନେ ଦେଖା କରିବାକୁ ଗଲେ ବି ସେମାନଙ୍କୁ ଦେଖା କରିବାକୁ ଦିଆଯାଉନାହିଁ, ସେହି ସମୟରେ ଉଚ୍ଚ ଅଦାଲତର ଆଇନଜୀବୀ ଆଇନୁନ୍ନାହାର ଲିପି ଓ ମାନଜୁର ଆଲ ମାତିନ 'ଛଅ ଜଣ ସମନ୍ୱୟକଙ୍କ ଅଟକର ବୈଧତାକୁ ଚ୍ୟାଲେଞ୍ଜ କରି ଓ ଆନ୍ଦୋଳନ ଉପରେ ଗୁଳି ନଚଳାଇବାର ନିର୍ଦ୍ଦେଶ ପ୍ରାର୍ଥନା କରି' ଏକ ରିଟ୍ ଆବେଦନ କରନ୍ତି। ପରେ ଏହି ୬ଜଣ ସମନ୍ୱୟକଙ୍କୁ ଛାଡି ଦିଆହୁଏ। କିନ୍ତୁ 'ଗୁଳି ନ ଚଳାଇବାର ନିର୍ଦ୍ଦେଶ ଦେବା' ରିଟକୁ ଖାରଜ କରି ଦିଆହୁଏ। ତେବେ ଏହି ବିଷୟକୁ କେନ୍ଦ୍ରକରି ଦେଶବ୍ୟାପୀ ବ୍ୟାପକ ଆଲୋଡନ ସୃଷ୍ଟି ହୁଏ। 'ମାର୍ଚ୍ଚ ଫର ଜଷ୍ଟିସ' କାର୍ଯ୍ୟକ୍ରମରେ ସମଗ୍ର ଦେଶର ଅସଂଖ୍ୟ ଆଇନଜୀବୀ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ସପକ୍ଷରେ ଠିଆ ହୁଅନ୍ତି। ଚାଲିଥିବା ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ସକାଶେ ନାଗରିକମାନଙ୍କ ପକ୍ଷରୁ 'ଗଣ ତଦନ୍ତ କମିଟି' ଗଠନ କରାଯାଏ।

ବିଭିନ୍ନ କ୍ଷେତ୍ରରେ କର୍ମରତ ଅଭିନେତା, ଶିଳ୍ପୀ, ପରିଚାଳକ ଓ ଅନ୍ୟାନ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିମାନେ ଏହି ଆନ୍ଦୋଳନରେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ। 'ଦୃଶ୍ୟ ମାଧ୍ୟମ ଶିଳ୍ପୀ ସମାଜ' ନାମରେ ଗଠିତ ଏକ ପ୍ଲାଟଫର୍ମରେ ସେମାନେ ଆଜି ମଧ୍ୟ ସକ୍ରିୟ। ଚାରୁକଳା ଶିଳ୍ପୀମାନେ ମଧ୍ୟ ଆନ୍ଦୋଳନରେ ଓହ୍ଲାଇଥିଲେ। ଢାକା ସହରର ରିକ୍ସା ଚାଳକମାନେ ଏହି ଆନ୍ଦୋଳନରେ ପ୍ରାୟ ସଂଗଠିତ ଭୂମିକା ପାଳନ କରିଥିଲେ। ସେମାନେ ଯେ ଖାଲି ରିକ୍ସା ଶୋଭାଯାତ୍ରା ଆୟୋଜନ କରିଥିଲେ ତା' ନୁହେଁ, କର୍ଫ୍ୟୁ ସମୟରେ ଏବଂ ଅନ୍ୟ ସମୟରେ ମଧ୍ୟ ସେମାନେ ପୋଲିସ ଆଖିକୁ ଫାଙ୍କି ଦେଇ ଆନ୍ଦୋଳନକାରୀମାନଙ୍କୁ ଗନ୍ତବ୍ୟ ସ୍ଥଳରେ ଅତି ସୂଚାରୁରୂପେ ପହଞ୍ଚାଇ ଦେଇଥିଲେ। ସେମାନେ ପ୍ରତ୍ୟେକ ଇଶାରା ମାଧ୍ୟମରେ ଭାବ ବିନିମୟ କରୁଥିଲେ ଏବଂ ସମ୍ମୁଖରେ କୌଣସି ବିପଦ ଅଛି କି ନାହିଁ ତାହା ବୁଝି ନେଉଥିଲେ। ଛାତ୍ର ଆନ୍ଦୋଳନରୁ ଏହି ଆନ୍ଦୋଳନ ଯେତେବେଳେ ଗଣଅଭ୍ୟୁତ୍‌ଥାନରେ ପରିଣତ ହେଲା, ସେତେବେଳେ ଦୋକାନ କର୍ମଚାରୀ, କ୍ଷୁଦ୍ର ବ୍ୟବସାୟୀରୁ ଆରମ୍ଭ କରି ନିମ୍ନ ମଧ୍ୟବିତ୍ତ ଓ ଦିନ ମଜୁରିଆ, ବହୁ ଖଟିଖିଆ ମଣିଷ ମଧ୍ୟ ଏଥିରେ ଯୁକ୍ତ ହୋଇଗଲେ। ପୋଲିସର ଗୁଳି ଏପରିକି ମୃତ୍ୟୁ ମଧ୍ୟ ବୀରତ୍ୱର ସହ ବରଣ କଲେ।

### ଗଣ ଅଭ୍ୟୁତ୍‌ଥାନର ପରବର୍ତ୍ତୀ ସମୟ

ଏକ ପ୍ରାଚୀର ଲିଖନ ଅନେକଙ୍କ ନଜରରେ ପଡିଛି। ଯେଉଁଠି ପୂର୍ବରୁ ଲେଖାଯାଇଥିବା 'ଏଠି ରାଜନୈତିକ ଆଲୋଚନା ନିଷିଦ୍ଧ', 'ନିଷିଦ୍ଧ' ଶବ୍ଦଟି କାଟି ଦେଇ 'ଚାଲିବ' ଶବ୍ଦଟି ଲେଖାଯାଇଛି। ଗଣଅଭ୍ୟୁତ୍‌ଥାନ ପୂର୍ବରୁ ପ୍ରାୟ ସମସ୍ତ ଚା ଦୋକାନ ବା ବିଭିନ୍ନ ପ୍ରତିଷ୍ଠାନରେ ଲେଖାଥିଲା 'ରାଜନୈତିକ ଆଲୋଚନା ନିଷିଦ୍ଧ'। ଦେଶରେ ଏହା ଏକ ସାଧାରଣ ଘଟଣା ଥିଲା। କେହି ରାଜନୈତିକ ଆଲୋଚନାକୁ ଅନୁମୋଦନ କରୁନଥିଲେ। କାରଣ କୌଣସି ବିରୁଦ୍ଧ ମତ ପ୍ରକାଶ କରିବା ଖୁବ୍ ବିପଦପୂର୍ଣ୍ଣ ଥିଲା। ମାତ୍ର ଆଜି ଏହି ଗଣଅଭ୍ୟୁତ୍‌ଥାନ ଏକ ନୂତନ ସକାଳର ଜନ୍ମ ଦେଇଛି। ସମସ୍ତେ ଆଜି ବୁଝିବାକୁ ଚାହୁଁଛନ୍ତି, ପଥ ଖୋଜୁଛନ୍ତି। ସମସ୍ତେ ଚାହୁଁଛନ୍ତି, ଆଉ ଯେମିତି ମତପ୍ରକାଶର ଅଧିକାର ବାଧାଗ୍ରସ୍ତ ନ ହୁଏ, ସ୍ୱେରାଚାରୀ ଶାସନ ପ୍ରତିଷ୍ଠିତ ନ ହୁଏ। ଏହା ପ୍ରାୟ ସମସ୍ତଙ୍କ ମନର ଆକାଂକ୍ଷା ଏବଂ କିପରି ଏହା ମିଳିବ, ତା'ର ରାସ୍ତା ସମସ୍ତେ ଖୋଜୁଛନ୍ତି। ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ, ଜନଗଣଙ୍କର ଏହି ଆକାଂକ୍ଷା କୌଣସି ପ୍ରତିଷ୍ଠିତ ବିରୋଧୀ ରାଜନୈତିକ ଶକ୍ତି ସପକ୍ଷରେ ଯାଇ ନାହିଁ। ଯେଉଁ ଦଳଗୁଡିକ ବିଭିନ୍ନ ସମୟରେ ଶାସନ କରିଛନ୍ତି, ସେମାନଙ୍କ ଉପରେ ଜନଗଣଙ୍କର ଆସ୍ଥା ନାହିଁ। ଏହା ଏକ ଖୁବ ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରତିଷ୍ଠିତ ବଡ ବଡ ଦଳକୁ ସେମାନଙ୍କର ରାଜନୀତିକୁ ଜନଗଣ ପ୍ରତ୍ୟାଖାନ କରିଛନ୍ତି। ଫଳରେ ଏହି ସମୟରେ ରାଷ୍ଟ୍ରର ବିଭିନ୍ନ ସଂସ୍ଥାରେ କ'ଣ କ'ଣ ସଂସ୍କାର ହୋଇପାରେ ଏହା ହିଁ ଆଲୋଚନାର ପ୍ରଧାନ ବିଷୟ ଭାବେ ଦେଖା ଦେଇଛି। ବିଭିନ୍ନ ଭାବେ ଦେଖାଯାଇଛି।

### ଫାସିବାଦୀ ରାଷ୍ଟ୍ରର ପତନ ପାଇଁ ସଂଗ୍ରାମକୁ ଆହୁରି ଜୋରଦାର କରିବାକୁ ହେବ

ଶେଖ ହାସିନାଙ୍କ ପଦତ୍ୟାଗ ମଧ୍ୟଦେଇ ଆୱାମୀ ଲିଗର ଫାସିଷ୍ଟ ଶାସନର ପତନ ହୋଇଛି। ନିଃସନ୍ଦେହରେ ଏହା ହେଉଛି ଗଣଅଭ୍ୟୁତ୍‌ଥାନର ପ୍ରାଥମିକ ବିଜୟ। ତେବେ ଏହା ଭୁଲିଗଲେ ଚଳିବ ନାହିଁ ଯେ, ଅତୀତରେ ମଧ୍ୟ ଏ ଦେଶରେ ବଡ ବଡ ଆନ୍ଦୋଳନ ହୋଇଛି, ଗଣଅଭ୍ୟୁତ୍‌ଥାନ ସଂଗଠିତ ହୋଇଛି, ମୁକ୍ତି ଯୁଦ୍ଧ କରି ଆମେ ଦେଶ ସ୍ୱାଧୀନ କରିଛୁ, ଜନତା ଅକାତରେ ପ୍ରାଣ ବିସର୍ଜନ ଦେଇଛନ୍ତି। କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠାର ସ୍ୱପ୍ନ ପୂରଣ ହୋଇ ନାହିଁ। ମନେରଖିବାକୁ ହେବ, ଯେଉଁ ଆର୍ଥିକ, ସାମାଜିକ ବ୍ୟବସ୍ଥାରୁ ସମସ୍ତ ପ୍ରକାର ବୈଷମ୍ୟ ଓ ବେକାରତ୍ୱର ଜନ୍ମ, ଛାତ୍ର-ଜନତାର ଗଣଅଭ୍ୟୁତ୍‌ଥାନ ମଧ୍ୟ ଦେଇ ସେହି ବ୍ୟବସ୍ଥାର ଅବସାନ ହୋଇନାହିଁ, ଫାସିବାଦୀ ରାଷ୍ଟ୍ର ବ୍ୟବସ୍ଥାର ପତନ ହୋଇ ନାହିଁ। ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ହିଁ ଫାସିବାଦୀ ଶାସନ ବ୍ୟବସ୍ଥାକୁ ଜନ୍ମ ଦିଏ। ବ୍ୟବସାୟୀ ଓ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ପରିଚାଳିତ ପୁଞ୍ଜିବାଦୀ ବ୍ୟବସ୍ଥାର ଶୋଷଣମୂଳକ ଚରିତ୍ରର କାରଣରୁ ଏହି ରାଷ୍ଟ୍ର ଯଥାର୍ଥ ଗଣତାନ୍ତ୍ରିକ ଚରିତ୍ର ନେଇ ଗଢି ଉଠି ନାହିଁ। ଶୋଷଣର ପ୍ରୟୋଜନରେ ବି ଯତ୍‌କିଂଚିତ୍ ଗଣତାନ୍ତ୍ରିକ ଅଧିକାର ମିଳିଛି ତାହାକୁ ମଧ୍ୟ ହରଣ କରୁଛି। ଫଳରେ ଛାତ୍ର-ଜନତାଙ୍କ ଏହି ଅଭ୍ୟୁତ୍‌ଥାନ ମଧ୍ୟ ଦେଇ ଯେଉଁ ବୈଷମ୍ୟ ବିରୋଧୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠାର ଆକାଂକ୍ଷା ଧ୍ୱନିତ ହୋଇଛି, ତାହାକୁ ସଠିକ ପଥରେ ପରିଚାଳିତ କରିବାକୁ ହେଲେ ଜନଗଣଙ୍କର ନିଜସ୍ୱ ରାଜନୈତିକ ଶକ୍ତି ଗଢିତୋଳିବାକୁ ହେବ, ପୁଞ୍ଜିବାଦ ବିରୋଧୀ ସଂଗ୍ରାମ ଗଢିତୋଳିବାକୁ ହେବ।

ବାମ ଗଣତାନ୍ତ୍ରିକ ଶକ୍ତି ନେତୃତ୍ୱରେ ଗଣଆନ୍ଦୋଳନର ଶକ୍ତି ବୃଦ୍ଧି କରିବାକୁ ହେବ। ରାଜନୈତିକ ଭାବେ ସଚେତନ, ସଂଘବଦ୍ଧ, ନୈତିକ ଶକ୍ତିରେ ବଳିୟାନ ଏହି ଗଣଆନ୍ଦୋଳନ ହିଁ ଗଣତାନ୍ତ୍ରିକ ଅଧିକାର ଅର୍ଜନ ଓ ରକ୍ଷାର ଏକମାତ୍ର ଗ୍ୟାରେଣ୍ଟି। ★★★

Regd.No-ORI ORI/2011/37220 • VOL.NO. 11, ISSUE NO. 13 • ମୂଲ୍ୟ-୫ଟଙ୍କା

# ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ




ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ରାଜ୍ୟ ସମ୍ମିଳନୀ ୨୨ ଅଗଷ୍ଟ ୧୦ ଘଟିକା ସମୟରେ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଆଇୟୁଟିୟୁସି ରାଜ୍ୟ ଉପସଭାପତି କମ୍ରେଡ୍ ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବ୍ରଜବନ୍ଧୁ ସାହୁ ଓ ପାଚିକା-ସହାୟିକା ସଂଘ ନେତ୍ରୀ ସସ୍ମିତା ସ୍ୱାଇଁଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ । ଇତିଶ୍ରୀ ଜେନାଙ୍କ ଦ୍ୱାରା ଆଗତ ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ସମର୍ଥନରେ ପ୍ରତିନିଧିମାନେ ବକ୍ତବ୍ୟ ପ୍ରଦାନ କଲାପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରାଜକିଶୋର ମଲ୍ଲିକ ଓ ରାଜ୍ୟ କମିଟି ସଭ୍ୟ ବିଜୟ ସାହୁ ବକ୍ତବ୍ୟ ପ୍ରଦାନ କରି ପାଚିକା-ସହାୟିକାଙ୍କ ନ୍ୟାଯ୍ୟ ଦାବିରେ ଦୀର୍ଘସ୍ଥାୟୀ ଆନ୍ଦୋଳନ ଗଢିତୋଳିବାର ପ୍ରୟୋଜନରେ ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘକୁ ସୁଦୃଢ କରି ଗଢିତୋଳିବାକୁ ଆହ୍ୱାନ ଦେଇ ଥିଲେ । ସମ୍ମିଳନୀରେ କମ୍ରେଡ ବିଷ୍ଣୁ ଦାସ ସଭାପତି , ଜୟସେନ ମେହେର କାର୍ଯ୍ୟକାରୀ ସଭାପତି, ବ୍ରଜବନ୍ଧୁ ସାହୁ , ରାଜକିଶୋର ମଲ୍ଲିକ ଓ ସସ୍ମିତା ସ୍ୱାଇଁ ଉପ- ସଭାପତି, ଇତିଶ୍ରୀ ଜେନା ସାଧାରଣ ସମ୍ପାଦିକା, ବୁଲି ବାରିକ ସହ-ସାଧାରଣ ସମ୍ପାଦିକା, ନିରଞ୍ଜନ ମହାନ୍ତି କୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ଏହାବ୍ୟତୀତ ସମ୍ମିଳନୀରେ ୩୫ ଜଣିଆ ରାଜ୍ୟ କମିଟି ମଧ୍ୟ ନିର୍ବାଚିତ ହୋଇଥିଲା ।

# କମ୍ରେଡ ମହାବୀର ଶର୍ମାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ସୁନ୍ଦରଗଡ଼ ଜିଲ୍ଲାର ପାର୍ଟି ଆବେଦନକାରୀ ସଦସ୍ୟ କମ୍ରେଡ ମହାବୀର ଶର୍ମା ମସ୍ତିଷ୍କ ପ୍ରଦାହ ରୋଗ ଜନିତ ଅସୁସ୍ଥତା ହେତୁ ଚିକିତ୍ସାଧିନ ଅବସ୍ଥା ରେ ଗତ ମଇ ମାସ ୨୪ ତାରିଖରେ ୮୬ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ବିହାରର ଏକ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିବା କମ୍ରେଡ଼ ଶର୍ମାଜୀ ଜୀବିକା ନିର୍ବାହ ପାଇଁ ବିଗତ ଶତାବ୍ଦୀର ୭୦ ଦଶକରେ ରାଉରକେଲା ଆସିଥିଲେ । ମାତ୍ର ଅଳ୍ପ ଦିନ ଭିତରେ ସେ କାମ କରୁଥିବା କାଠ ଦୋକାନରେ ସବୁ ଶ୍ରମିକ ମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ଏବଂ ସେମାନଙ୍କ ସହିତ ମିଶି ଶ୍ରମିକ ମାନଙ୍କ କିଛି ନ୍ୟାଯ୍ୟ ଦାବି ଆଦାୟ କରିବା ପାଇଁ ଆନ୍ଦୋଳନ ଗଢି ତୋଳିଥିଲେ । ଏହି ସମୟରେ ସେ ଏସୟୁସିଆଇ(କମ୍ୟୁନିଷ୍ଟ)ଦଳ ସଂସ୍ପର୍ଶରେ ଆସିଥିଲେ ଏବଂ ଦଳର ତତ୍କାଳୀନ ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଜନ ନେତା କମ୍ରେଡ ତାପସ ଦତ୍ତଙ୍କ ସହଚାର୍ଯ୍ୟ ପାଇ ଧୀରେ ଧୀରେ କମ୍ରେଡ ଶିବଦାସ ଘୋଷ ଙ୍କ ଅମୂଲ୍ୟ ଶିକ୍ଷାକୁ ଗ୍ରହଣ କରି ଦଳର ଜଣେ ସକ୍ରିୟ କର୍ମୀରେ ପରିଣତ ହୋଇ ଥିଲେ । ନିଜର ସନ୍ତାନ ଏବଂ ଆତ୍ମୀୟ ସ୍ୱଜନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବାରେ ସେ ସଫଳ ହୋଇ ପାରିଥିଲେ । ଅସୁସ୍ଥତା ହେତୁ ଦଳର କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ପାରୁନଥିଲେ ବି ଦଳର ହିନ୍ଦୀ ପତ୍ରିକା ସର୍ବହରା ଦୃଷ୍ଟିକୋଣର ନିୟମିତ ପାଠକ ଥିଲେ । ଦଳ ଏବଂ ଦଳର କର୍ମୀ ମାନଙ୍କ ପ୍ରତି ଥିଲା ତାଙ୍କର ଗଭୀର ଆସ୍ଥା ଓ ଭଲ ପାଇବା ।

ଜୁନ ୧୭ ତାରିଖରେ ପାର୍ଟି ରାଉରକେଲା ଡେଲି ମାର୍କେଟ ଅଫିସରେ କମ୍ରେଡ ଶର୍ମାଜୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ କମ୍ରେଡ ସତ୍ୟପ୍ରିୟ ମହାନ୍ତି ପରିଚାଳନା କରିଥିଲେ । ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଛବି ମହାନ୍ତି କମ୍ରେଡ ମହାବୀର ଶର୍ମାଜୀଙ୍କ ସ୍ମୃତି ଚାରଣ କରିଥିଲେ ।

**କମ୍ରେଡ୍ ମହାବୀର ଶର୍ମା ଲାଲ ସଲାମ**

# ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ଦେଶର ସାଂସଦମାନଙ୍କ ନିକଟକୁ ଖୋଲା ଚିଠି

*[ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ଜନବିରୋଧି ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ-୨୦୨୩, ଗରିବ ଆଦିବାସୀ ତଥା ଜଙ୍ଗଲ ଅଧିବାସୀମାନଙ୍କୁ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦ, ବିଶୁଦ୍ଧ ପ୍ରାକୃତିକ ତଥା ଜଙ୍ଗଲ ସଂପଦକୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା ଏବଂ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସଂପର୍କିତ ବିଷୟ ଉପରେ ଦେଶର ସାଂସଦମାନଙ୍କ ନିକଟକୁ ଏକ ଚିଠି ପଠାଯାଇ ଉପରୋକ୍ତ ସମସ୍ୟାଗୁଡିକ ସଂସଦରେ ଉପସ୍ଥାପନ କରି ଆଲୋଚନା ପାଇଁ ଅନୁରୋଧ କରାଯାଇଛି । ଏହି ଚିଠିର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ସ୍ଥାନିତ କରାଯାଉଛି ।(ସଂପାଦକ-ସର୍ବହରା କ୍ରାନ୍ତି) ]*

**ମାନନୀୟ, ସାଂସଦ**
**ମହାଶୟ/ମହାଶୟା,**

ଆପଣ ଅବଗତ ଅଛନ୍ତି ଯେ ଚଳିତବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ବାୟୁ ମଣ୍ଡଳ ଓ ପରିବେଶ ପ୍ରବଳ ଉଷ୍ଣ ତଥା ଉତ୍ତପ୍ତ ହୋଇଥିଲା ଯାହା କି ଦେଶର ବିଭିନ୍ନ ସ୍ଥାନରେ ଅଂଶୁଘାତ ଜନିତ ମୃତ୍ୟୁର କାରଣ ହୋଇଥିଲା ।  ଆପଣ ଜାଣନ୍ତି ଯେ ସମଗ୍ର ଦେଶରେ ଏହି ମୃତ୍ୟୁ ସଂଖ୍ୟା ୩୦୦ରୁ ଅଧିକ ହୋଇଛି । ବୈଜ୍ଞାନିକମାନେ ବାରମ୍ବାର ସତର୍କ କରି କହୁଛନ୍ତି ଯେ ବାୟୁମଣ୍ଡଳରେ ମାତ୍ରାଧିକ ଉତ୍ତାପ ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତ୍ତନ କାରଣରୁ ହେଉଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ବୃକ୍ଷ ଛେଦନ ତଥା ଜଙ୍ଗଲ କ୍ଷୟ ହେତୁ ଏପରି ଘଟୁଛି । ସେମାନେ ଏକଥା ମଧ କହୁଛନ୍ତି ଯେ ଯଦି ଏଭଳି ବ୍ୟାପକ ଜଙ୍ଗଲ କ୍ଷୟ ଓ ବୃକ୍ଷ ଛେଦନ ଘଟିଚାଲେ ତେବେ ତାହା ଆମର ପରିବେଶ ଓ ପରିସଂସ୍ଥାର ସନ୍ତୁଳନ ନଷ୍ଟ କରିବା ସହ ପ୍ରାକୃତିକ ଭାରସାମ୍ୟ ରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ଓ ଶେଷରେ ଏହା ମାନବ ସଭ୍ୟତା ପ୍ରତି ମଧ ବିରାଟ ଆହ୍ୱାନ ସୃଷ୍ଟି କରିବ । ଏବେ ଆମ୍ଭେମାନେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସାମନା କରୁଛେ । ହିମାଳୟ ଅଂଚଳରେ ବନ୍ୟା, ଆଫଗାନିସ୍ଥାନ ଓ ଆରବ ଦେଶର ଗ୍ରୀଷ୍ମଋତୁରେ ବନ୍ୟା, ବାଙ୍ଗାଲୋର ସହରରେ ବର୍ଷାଜଳ ପ୍ଲାବିତ ହେବା, ପୂର୍ବ ଆଫ୍ରିକାରେ ମରୁଡି,  କେରଳର ୱାୟାନାର୍ଡ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦଶରେ ଭୟାବହ ଭୂସ୍ଖଳନ ଘଟି ଶତାଧିକ ଲୋକଙ୍କ ମୃତ୍ୟୁ ସହ ଗ୍ରାମ ଓ ଚାଷଜମି ବିଧ୍ୱସ୍ତ ହେବା ଆଦି ଅନେକ ଅସ୍ୱାଭାବିକ ଘଟଣା ସାମନାକୁ ଆସୁଛି । ଜଙ୍ଗଲ ଅଂଚଳରେ ଖଣି ଖନନ, ବଡ ବଡ ଡ୍ୟାମ ନିର୍ମାଣ ଭିତ୍ତିଭୂମିର ବିକାଶ ଆଳରେ ବଡ ହାଇୱେ ସହ ବିଶାଳ ବିଶାଳ କୋଠାବାଡି ନିର୍ମାଣ ହେବାଦ୍ୱାରା ଗରିବ ଆଦିବାସୀ ତଥା ଜଙ୍ଗଲ ଅଧିବାସୀମାନଙ୍କୁ ବ୍ୟାପକ ସଂଖ୍ୟାରେ ଉଚ୍ଛେଦ କରାଯାଉଛି ଏବଂ ପରିବେଶ ପ୍ରତି ଗୁରୁତର କ୍ଷତି ପହଞ୍ଚିଛି । ଏହା ଲକ୍ଷ୍ୟ କରାଯାଉଛି ଯେ ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ପାରିତ କରାଯିବା ପରେ ପରେ ଓଡିଶାର ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ୨ଟି କର୍ପୋରେଟ ସଂସ୍ଥା ଆଦାନୀ ଓ ବେଦାନ୍ତ କମ୍ପାନୀ ପକ୍ଷରୁ ଖଣି ଖନନ ତଥା କାରଖାନା ପ୍ରତିଷ୍ଠା ପାଇଁ ବ୍ୟାପକ ଗଛକଟା ଚାଲିଲା । ସେଠାକାର ଅଧିବାସୀମାନଙ୍କୁ ଉଚ୍ଛେଦ ଆରମ୍ଭ ହେଲାପରେ ସେଠାରେ ଗଣ ପ୍ରତିରୋଧ ଆନ୍ଦୋଳନ ସଂଗଠିତ ହେଲା, ତାଦ୍ୱାରା ସାମୟିକ ଭାବେ ସେଠାରେ ଉଚ୍ଛେଦ ବନ୍ଦ ହେଲେ ବି ପରେ ତାହା ଚାଲିବ । ଦେଶର ନିୟୁତ ନିୟୁତ ଗରିବ ଜଙ୍ଗଲବାସୀମାନଙ୍କୁ ବିନା କ୍ଷତିପୂରଣ ଓ ଥଇଥାନରେ ଉଚ୍ଛେଦ କରାଯାଉଛି । ସେମାନେ ନିଜର ଭିଟାମାଟି ଓ ଜୀବନ ଜୀବିକା ହରାଇ ଦେଶର ବିଭିନ୍ନ ପ୍ରାନ୍ତରେ ଘୁରି ବୁଲୁଛନ୍ତି । କେତେକ ଦାଦନ ଖଟିବାକୁ ଯାଉଛନ୍ତି ତ ଅନେକ ମୃତାହତ ହେଉଛନ୍ତି । ସଂପ୍ରତି ଛତିଶଗଡ ରାଜ୍ୟର ହସଦେଓ ଜଙ୍ଗଲ ଅଂଚଳରୁ ଲକ୍ଷ ଲକ୍ଷ ଗଛ କଟା ଚାଲିଛି ଓ ସ୍ଥାନୀୟ ଅଧିବାସୀମାନଙ୍କୁ ଉଚ୍ଛେଦ କରାଯାଉଛି । ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ୬୭୫ ପ୍ରୋଜେକ୍ଟ ପାଇଁ ପରିବେଶ ମଞ୍ଜୁରୀ ମିଳି ସାରିଛି ଏବଂ ସେଠାରେ ଲକ୍ଷ ଲକ୍ଷ ଗଛ କଟାଚାଲିଛି । ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ-୨୦୨୩ ପାସ ହେଇ ଦେଶରେ ଲାଗୁ ହୋଇଛି । ଏହାଦ୍ୱାରା ଦେଶର ବିପୁଳ ପ୍ରାକୃତିକ ତଥା ଖଣିଜ ସଂପଦକୁ ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦିଆଯାଇଛି । ସେମାନେ ହଜାର ହଜାର ବର୍ଗ କିଲୋମିଟର ପରିବ୍ୟାପ୍ତ ଜଙ୍ଗଲ ଅଂଚଳରେ ଖଣି-ଖାଦାନ ଖୋଳିବା, ରେଳ ଲାଇନ ବିଛାଇବା, କଫି ଓ ରବର ଚାଷ କରିବା, ଇକୋଟୁରିଜିମ କରିବା ସହ ହଜାର ହଜାର ମୂଲ୍ୟବାନ ଗଛ କାଟି ଜଙ୍ଗଲ ସଂପଦକୁ ଲୁଟ କରିବେ । ସେଠାରେ ପୁରୁଷ ପୁରୁଷ ଧରି ବସବାସ କରି ଆସୁଥିବା ଗରିବ ଆଦିବାସୀ ତଥା ଜଙ୍ଗଲ ଅଧିବାସୀମାନଙ୍କୁ ଉଚ୍ଛେଦ କରି ସେଠାରୁ ବିତାଡିତ କରିବେ ।

ଆପଣ ସଂସଦରେ ଏହି ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ଆଲୋଚନା କରିବା ସହିତ ଦେଶର ପ୍ରାୟ ୧୦କୋଟି ଗରିବ ଆଦିବାସୀ ଓ ଜଙ୍ଗଲ ଅଧିବାସୀ ମାନଙ୍କ ସ୍ୱାର୍ଥ, ଜୀବନ ଜୀବିକା ଓ ସଂସ୍କୃତିର ସୁରକ୍ଷା ପ୍ରତି ଧ୍ୟାନ ଦେବେ ସେମାନଙ୍କ ଭିଟାମାଟି ଭାଷା ଓ ସଂସ୍କୃତିର ସୁରକ୍ଷା ପ୍ରତି ଯତ୍ନବାନ ହେବେ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁ ହୋଇ ଦେଶର ସମସ୍ତ ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିବାସୀମାନେ କିଭଳି ଜଙ୍ଗଲ ଜମିର ପଟ୍ଟା ପାଇବେ ତାହାକୁ ସୁନିଶ୍ଚିତ କରିବେ ବୋଲି ଆଶାକରି ଆମେ ଉପରୋକ୍ତ ସଂବେଦନଶୀଳ ବିଷୟ ଗୁଡିକ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଏହି ଚିଠି ଲେଖୁଛୁ ।

ଆପଣଙ୍କର ବିଶ୍ୱସ୍ତ
**ବିଶ୍ୱନାଥ ମୁଡା,**
ସାଧାରଣ ସଂପାଦକ ଅଲ ଇଣ୍ଡିଆ ଜମି ଅଧିକାର ସୁରକ୍ଷା କମିଟି

# ଅଲ୍‌ଇଣ୍ଡିଆ ପାୱାରମେନ୍ସ ଫେଡେରେସନ(ଏଆଇପିଏଫ୍)ର ୨ୟ ଓଡିଶା ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ

ଏଆଇୟୁଟିୟୁସି ସହବନ୍ଧିତ ଅଲଇଣ୍ଡିଆ ପାୱାରମେନ୍ସ ଫେଡେରେସନ(ଏଆଇପିଏଫ୍)ର ୨ୟ ଓଡ଼ିଶା ରାଜ୍ୟ ସମ୍ମିଳନୀ ୨୫ ଅଗଷ୍ଟ ୨୦୨୪ରେ କଣିହାଁର ଗଦାଶିଳାସ୍ଥ ବାଜି ରାଉତ ସ୍ମୃତି ପାଠାଗାରଠାରେ ଅନୁଷ୍ଠିତ ହୋଇ ଯାଇଛି । ଫେଡେରେସନର ରାଜ୍ୟ ସଭାପତି କମ୍ରେଡ କାହ୍ନୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏଆଇୟୁଟିୟୁସିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତ ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରି ଐକ୍ୟବଦ୍ଧ ଆନ୍ଦୋଳନ ସଂଗଠିତ କରିବା ପାଇଁ ଏବଂ ଏଆଇୟୁଟିୟୁସିର ୨୨ତମ ସର୍ବ ଭାରତୀୟ ସମ୍ମିଳନୀକୁ ସଫଳ କରିବା ପାଇଁ ବିଦ୍ୟୁତ୍ କ୍ଷେତ୍ରରେ କାମକରୁଥିବା ଶ୍ରମିକ କର୍ମଚାରୀମାନଙ୍କୁ ଆହ୍ୱାନ କରିଥିଲେ । ସମ୍ମିଳନୀର ମୁଖ୍ୟବକ୍ତା ଏଆଇପିଏଫର ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ସମର କୁମାର ସିହ୍ନା ଘରୋଇ ବିଦ୍ୟୁତ୍ କମ୍ପାନୀମାନଙ୍କ ସ୍ୱାର୍ଥରେ କେନ୍ଦ୍ରର ବିଜେପି ସରକାର ଓ ବିଭିନ୍ନ ରାଜ୍ୟର ସରକାରମାନେ ଗ୍ରହଣ କରୁଥିବା ନୀତି ବିଶେଷ କରି ବିଦ୍ୟୁତ୍ ଆଇନ-୨୦୦୩ , ବିଦ୍ୟୁତ୍ ସଂଶୋଧନ ବିଲ୍- ୨୦୨୨ ଓ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ୍ ମିଟର ବିରୁଦ୍ଧରେ ବିଦ୍ୟୁତ୍ ଶ୍ରମିକ କର୍ମଚାରୀମାନେ ଦୀର୍ଘସ୍ଥାୟୀ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ଏବଂ ଏଆଇପିଏଫକୁ ଶକ୍ତିଶାଳୀ କରିବାପାଇଁ ଆହ୍ୱାନ ଦେଇଥିଲେ । କମ୍ରେଡ ଦୁଃଖୀଶ୍ୟାମ ମଲ୍ଲିକଙ୍କ ଦ୍ୱାରା ଆଗତ ମୁଖ୍ୟ ଚିଠା ପ୍ରସ୍ତାବ ସମର୍ଥନରେ ପ୍ରତିନିଧିମାନେ ମତାମତ ଦେବା ପରେ ଏହି ପ୍ରସ୍ତାବ ସର୍ବସମ୍ମତିରେ ଗୃହୀତ ହୋଇଥିଲା । ସମ୍ମିଳନୀରେ କମ୍ରେଡ କାହ୍ନୁ ବିଶ୍ୱାଳ ସଭାପତି, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଭିକାରୀ ପ୍ରଧାନ, ଜୟସେନ ମେହେର, କୈଳାସ ଚନ୍ଦ୍ର ମାଝୀ ଓ ଦୀପକ କୁମାର ସିଂହ ଉପସଭାପତି, ଦୁଃଖୀଶ୍ୟାମ ମଲ୍ଲିକ ସମ୍ପାଦକ, ଟୁନା ନାଏକ, ପ୍ରଦୀପ କୁମାର ପ୍ରଧାନ, ସଦାଶିବ ସିଂହ, ଦୁଃଶାସନ ବେହେରା, ଗୌତମ ସେଠୀ, ରବୀନ୍ଦ୍ର ପଣ୍ଡା, ଦିଲ୍ଲୀପ କୁମାର ସାଶମଲ୍ ଓ କମ୍ରେଡ କାର୍ତ୍ତିକେଶ୍ୱର ସେଠୀ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏବଂ କମ୍ରେଡ ନକୁଳ ଚନ୍ଦ୍ର ସାହୁ କୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ଏହା ବ୍ୟତୀତ ୩୭ ଜଣିଆ ରାଜ୍ୟ କମିଟି ଏହି ସମ୍ମିଳନୀରେ ନିର୍ବାଚିତ ହୋଇଥିଲା ।




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das